## ସଂକ୍ଷେପରେ

### ଟ୍ରକ୍ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

ସୋର,୧୯।୩(ଡି.ଏନ୍.ଏ): ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥ ସୋର ଥାନା ବିଦୁ ନିକଟରେ ଜଣେ ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପୋଲିସ ଉକ୍ତ ଟ୍ରକ୍‌ର ହେଲପରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ଡ୍ରାଇଭରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ମୃତକ ହେଲେ ତାମିଲନାଡୁ ନାମକାଲ ଜିଲା ଅରୁଛାଥାୟାର ଗ୍ରାମର ଟି ସନମୁଗମ୍।

### ପୁଅଙ୍କୁ ମିଳିଲା ମା'ଙ୍କ ସଞ୍ଚୟ ବୀମା ଟଙ୍କା

ସିମୁଳିଆ,୧୯।୩(ଡି.ଏନ୍.ଏ.) ଛୋଟଛୋଟ ସଞ୍ଚୟ ବୀମା ଅନେକ ସମୟରେ ସହାୟତା ପ୍ରଦାନ କରିଥାଏ। ଏହାର ଉଦାହରଣ ଦେଖିବାକୁ ମିଳିଛି ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ମଇତାପୁର ଶାସନରେ। ଏହି ଅଞ୍ଚଳର ରଞ୍ଜୁଲତା ଓଝା ସିମୁଳିଆ ଷ୍ଟେଟ ବ୍ୟାଙ୍କ ଶାଖାରେ 'ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା'ରେ ବାର୍ଷିକ ୩୩୦ଟଙ୍କାରେ ଏକ ବୀମା କରିଥିଲେ। ତାଙ୍କର ମୃତ୍ୟୁ ପରେ ପୁଅ ଗଜେନ୍ଦ୍ର ଓଝାଙ୍କୁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର ଜୋନର ଡିଜିଏମ୍ କୁନ୍ଦନ ଜ୍ୟୋତି, ଆରଏମ୍ ପ୍ରଦୀପ କୁମାର ରଥ, ଫିଲ୍ଡ ଅଫିସର ଦିଗମ୍ବର ଦାସ, ସିମୁଳିଆ ଷ୍ଟେଟ ବ୍ୟାଙ୍କର ମ୍ୟାନେଜର ସୋମନାଥ କବାଟଙ୍କ ଉପସ୍ଥିତିରେ ଏହି ଅର୍ଥରାଶିର ଚେକ୍ ଗଜେନ୍ଦ୍ରଙ୍କୁ ପ୍ରଦାନ କରିଥିଲେ।

# କିଡ୍‌ନୀ ରୋଗ କବଳରେ ୧୦ରୁ ଊର୍ଦ୍ଧ୍ୱ ଗାଁ

- ୪୦ ପୂରିଲେ ଯନ୍ତ୍ରଣାରେ କଟୁଛି ଜୀବନ
- କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ, ସ୍ୱତନ୍ତ୍ର ଟିମ୍ ନିୟୋଜିତ



ଗୋଲାଗାଁ ଉପରସାହିର କିଡ୍‌ନୀ ରୋଗୀ ଅଶୋକ ପେଣ୍ଟେଇ।

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୯।୩: ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଗାଁ ଲୋକଙ୍କ ଜୀବନ କିଡ୍‌ନୀ ରୋଗ ପାଇଁ ଦୁର୍ବିଷହ ହୋଇପଡିଛି। ୪୦ ବର୍ଷ ଟପିଲେ ବହୁ ଲୋକଙ୍କ ଜୀବନ ସଙ୍କଟାପନ୍ନ ହେଉଛି। ଅତି ପ୍ରଦୂଷିତ ୬ଟି କ୍ରୋମାଇଟ ୱାଶିଂ ପ୍ଲାଣ୍ଟରୁ ନିର୍ଗତ ପ୍ରଦୂଷିତ ପାଣି ଏବଂ ସିମେଣ୍ଟ କାରଖାନାର ବାୟୁ ପ୍ରଦୂଷଣ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମତ ପ୍ରକାଶ ପାଇଛି। ଏଠାରେ କେବଳ ଗୋଲାଗାଁକୁ ଉଦାହରଣ ଭାବେ ନିଆଯାଇପାରେ। ଗତ ୫ ବର୍ଷରେ ଏହି ଗ୍ରାମର ୩୫ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବାବେଳେ ୨୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ସମ୍ବେଦନଶୀଳ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଅତି ହାଲୁକା ଭାବେ ଗ୍ରହଣ କରି ଚିକିତ୍ସା ଚଳାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ କିଡ୍‌ନୀ ରୋଗ ବଢ଼ିବାର କାରଣ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ଏଯାଏ ଅଜ୍ଞ ରହିଛି। ଆଗାମୀ ଦିନରେ ରାଜ୍ୟସ୍ତରୀୟ ଅନ୍ୟାନ୍ୟ ବିଶେଷଜ୍ଞ ଟିମ୍‌ର ସହାୟତା ନେଇ ପାଣି ଓ ବାୟୁ ପ୍ରଦୂଷଣର ମାନ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

ଜିଲାର ଦାନଗଦି ବ୍ଲକ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁ, ପଙ୍କପାଳ ପଞ୍ଚାୟତରର ମନୋହରପୁର, ଗୋବରଘାଟି ପଞ୍ଚାୟତର ଗୋବରଘାଟି, ମିରିଗିଚରା, ଆମ୍ବଲବା, ଖରଡି ଓ ବରଡି, ଡୁବୁରୀ ପଞ୍ଚାୟତର ଡୁବୁରୀ ଓ ମାଟିଆସାହି ଏବଂ ଯଖପୁରା ପଞ୍ଚାୟତର କୁଡୁମୀସାହି ଆଦି ଗ୍ରାମବାସୀଙ୍କ ଜୀବନ ଜଳ ଓ ବାୟୁ ପ୍ରଦୂଷଣରେ ଦୁର୍ବିଷହ ହୋଇ ପଡିଛି। କିନ୍ତୁ ସମ୍ପୃକ୍ତ କମ୍ପାନୀଗୁଡ଼ିକର ଅର୍ଥ ଓ ବାହୁବଳରେ ଆତଙ୍କିତ ସ୍ଥାନୀୟ ଅଧିବାସୀ ଏହାକୁ ନେଇ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନକୁ ଆଖିବୁଜା ସହଯୋଗ କରୁଥିବା କାରଣରୁ ପ୍ରଦୂଷଣ ସମସ୍ୟାକୁ ଅଣଦେଖା କରାଯାଉଛି। ଏହି କ୍ରମରେ ଲୋକେ ଶିଳ୍ପ ବିଷୟରେ ହନ୍ତସନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଲୋକଦେଖାଣିଆ ଭାବେ ଶିଳ୍ପକୁ ଆକଟ ସିନା କର, କୌଣସି କାର୍ଯ୍ୟାନୁଷ୍ଠାନ କରି ଶିଳ୍ପପତିଙ୍କ ମନରେ କଷ୍ଟ ଦିଅନାହିଁ ନୀତିରେ ସରକାର ଚାଲିଥିବାରୁ ଗରିବ ଲୋକେ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି। ଗତ ୧୫ ବର୍ଷ ହେଲା ଗୋଲାଗାଁ ଚାରିପାର୍ଶ୍ୱରେ ଚୈତନ୍ୟ ମିନେରାଲ, ଆନନ୍ଦ ଏକ୍ସପୋର୍ଟ, କଳିଙ୍ଗ ୱାସିଂ ପ୍ଲାଣ୍ଟ, ପଣ୍ଡା ୱାସିଂ ପ୍ଲାଣ୍ଟ, ମିଶ୍ରିଲାଲ କାରଖାନା ସ୍ଥାପନ ହୋଇଛି। ଗତ ପ୍ରାୟ ୨ ବର୍ଷ ହେବ ୩ଟି ଛୋଟ କାରଖାନା ବନ୍ଦ ହୋଇଛି। ତେବେ ଏହି କାରଖାନାଗୁଡିକ ଚାଲିଥିବା ସମୟରେ ସେଗୁଡିକର ବର୍ଜ୍ୟ ଓ ବିଷାକ୍ତ ପାଣି ବାହାରକୁ ଛଡାଯାଇଛି। ଏହି ବିଷାକ୍ତ ପାଣି ଗ୍ରାମ ନିକଟସ୍ଥ ବିଲବାଡିରେ ମିଶୁଛି। ଅତୀତରେ କେନ୍ଦ୍ରୀୟ ପରୀକ୍ଷାଗାରରେ ହୋଇଥିବା ପରୀକ୍ଷା ରିପୋର୍ଟରେ ବିଭିନ୍ନ ନଦୀନାଳ ପାଣିରେ ଅନୁଜ୍ଞେୟ ସୀମିତ(ପରମିସିବୁଲ ଲିମିଟ) ୦.୦୦୫(ମିଲିଗ୍ରାମ/ଲିଟର)ଠାରୁ ବହୁ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ, ସାୟାନାଇଡ ଆଦି ରହିଥିବା ରିପୋର୍ଟରେ ଦର୍ଶାଯାଉଛି। ଏହି ଦୂଷିତ ପାଣି ଭୂତଳ ଜଳକୁ ବି ଜହର କରୁଥିବାରୁ ସେହି ପାଣି ପିଇ ସମ୍ପୃକ୍ତ ଅଞ୍ଚଳବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଗୋଲାଗାଁର ବିଦ୍ୟାଧର ପେରେଇ, ବିଦ୍ୟୁତଲତା ପେରେଇ, ବାବୁଲି ଖଟୁଆ, ଉଦୟ ଖଟୁଆ, ଚରଣ ବେହେରା, ବିଶ୍ୱନାଥ ପେଣ୍ଟେଇ, ବେଲ ମୁଣ୍ଡା, କୁଳମଣି ଖଟୁଆ, ମନମଥ ମାଟିଆ, ରଙ୍ଗିଲ ବେହେରା, ଦେବକୀ ବେହେରା, ଦୀପକ ଖଟୁଆ, ବସନ୍ତ ଖଟୁଆ, ଅନିତା ଖଟୁଆ ପ୍ରମୁଖଙ୍କ ଅକାଳରେ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହାସହ ବିଜୟ ମଲିକ, ଅଶୋକ ପେଣ୍ଟେଇ, ଶରତ ମଲିକ, ବିଦ୍ୟାଧର ମଲିକ, ଠାକୁରା ମୁର୍ମୁ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ମଣ୍ଟୁ ଦାସ ନାମକ ଜଣେ ବକ୍ତି ହାଇକୋର୍ଟରେ ୬୪୫୩/୨୦୨୩ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କମିଟି ଗୋଲାଗାଁ ଗ୍ରାମକୁ ଯାଇ ତଦନ୍ତ କରି ଆକ୍ରାନ୍ତମାନଙ୍କ ରକ୍ତ ନମୁନା ପରୀକ୍ଷା କରିଛନ୍ତି। ହେଲେ କେତେଜଣ ଆକ୍ରାନ୍ତଙ୍କ କଟକ ଓ ସ୍ୱାସ୍ଥ୍ୟ ଟିମ୍‌ର ରକ୍ତ ନମୁନା ପରୀକ୍ଷାରେ ବହୁ ପ୍ରଭେଦ ଦେଖା ଦେଇଛି। ଉଦାହରଣ ଭାବେ ଅଶୋକ ପେଣ୍ଟେଇଙ୍କ କଟକରେ ହୋଇଥିବା ରକ୍ତ ନମୁନା ପରୀକ୍ଷାରେ ୧୨.୮୭ ସେରମ୍ କ୍ରିଏଟିନାଇନ ରହିଥିବାବେଳେ ଏଥର ସ୍ୱାସ୍ଥ୍ୟ ଟିମ୍ ପରୀକ୍ଷାରେ ୧.୨ ମିଳିଛି। ଯାହାକି ସୁସ୍ଥ ମଣିଷ ପାଇଁ ରହିଥାଏ। ଏଭଳି ଏକାଧିକ ରୋଗୀଙ୍କ ରିପୋର୍ଟ ମିଳିଛି। ଏବେ ଅଶୋକ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ୱାସ୍ଥ୍ୟ ଟିମ୍ ଖାମଖିଆଲ ଚିକିତ୍ସା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ନିଜେ ଉକ୍ତ ଗ୍ରାମକୁ ଯାଇ କିଡ୍‌ନୀ ରୋଗର ଯାଞ୍ଚ କରିଛନ୍ତି। ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ। ରୋଗୀମାନଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ସେଥିରୁ କେତେଜଣ କିଡ୍‌ନୀ ରୋଗୀ ଥିବା ଜଣାପଡିଛି। ଏହାସହ ଆଗାମୀ ଦିନରେ ପାଖଆଖ ଗ୍ରାମରେ ମଧ୍ୟ ପରୀକ୍ଷା କରାଯାଇ ତଦନୁସାରେ ଚିକିତ୍ସା ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।

### ରେଳଧାରଣାରୁ ଅଜଣା ମୃତଦେହ ଜବତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୯।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ହରିଦାସପୁର-ପାରାଦୀପ ରେଳପଥର ବାଲିଚନ୍ଦ୍ରପୁର ଥାନା ଅଧୀନ ନଳିପୁରଠାରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କେହି ଟ୍ରେନ୍ ଧକ୍କାରେ ମରିଥିବା କହୁଥିବା ବେଳେ କିଏ ମାରିକି ଫୋପାଡ଼ି ଦେଇଥିବା କୁହାଯାଉଛି। ଯୁବକଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ। ସେ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ବେଳେ ଗୋଡ଼ରେ ଜୋତା ରହିଛି। କେବଳ ମୁଣ୍ଡର ପଛ ପଟୁ ରକ୍ତ ବାହାରି ଥିବା ଦେଖାଯାଇଛି।

### ଜଳହସ୍ତୀ ଶାବକ ମୃତ

ବାରଙ୍ଗ,୧୯।୩(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୩ ନଂ. ଏନ୍‌କ୍ଲୋଜରରେ ଗୋଟେ ଦିନ ପୂର୍ବରୁ ଜନ୍ମ ହୋଇଥିବା ଏକ ଜଳହସ୍ତୀ ଶାବକର ରବିବାର ମୃତ୍ୟୁ ହୋଇଛି। ଏକ ବୟସ୍କ ମାଈ ଜଳହସ୍ତୀ ଏହି ଶାବକକୁ ଜନ୍ମ ଦେଇଥିଲା। ନନ୍ଦନକାନନ ପ୍ରାଣୀବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ଅନ୍ୟ ଅଣ୍ଡିରା ଜଳହସ୍ତୀ ପାଣି ଭିତରେ ଶନିବାର ଜନ୍ମିତ ଶାବକକୁ ଗୋଡାଇଥିଲେ। ସେଥିରେ ଶାବକଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ସାଧାରଣତଃ ଏହି ପ୍ରଜାତିର ଜଳହସ୍ତୀ ଆଫ୍ରିକା ମହାଦେଶର ନଦୀ ଓ ହ୍ରଦରେ ବାସକରନ୍ତି। ୮ମାସ ଗର୍ଭଧାରଣରେ ମାଈ ଜଳହସ୍ତୀ ପାଣି ଭିତରେ ଗୋଟିଏ ଶାବକ ଜନ୍ମ କରିଥାଏ।

## କରଦା ମେଳଣ ଉଦ୍‌ଯାପିତ


ବିମାନ ନିକଟରେ ଯୁବତୀମାନେ ସଙ୍କୀର୍ତ୍ତନ କରୁଛନ୍ତି।

ପାଣିକୋଇଲି,୧୯।୩(ଡି.ଏନ.ଏ.): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ହରିହାଟଠାରେ ୧୫ତମ କରଦା ମେଳଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଥାନପତି ମଦନ ମୋହନ ଜୀଉ ଓ ଦଧିବାମନ ଜୀଉଙ୍କ ସମେତ ଗୋପାଳପୁରର ଗୋପୀନାଥ ଜୀଉ, ରାଧାକାନ୍ତ ଜୀଉ ଓ ପଥରପଦା ମଦନ ମୋହନ ଜୀଉ ଆଦି ୫ ବିମାନ ଏହି ମେଳଣରେ ସାମିଲ ହୋଇଥିଲେ। ଭଦ୍ରକ ଭଣ୍ଡାରୀ ପୋଖରୀର ଯୁବତୀମାନଙ୍କ ସଙ୍କୀର୍ତ୍ତନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଘୋଡ଼ାନାଚ, ବାଡ଼ି ଖେଳ, ବିଭିନ୍ନ ଦୋକାନ ବଜାର ଓ କୁନିକୁନି ପିଲାଙ୍କ ଖେଳ ଭକ୍ତ ଓ ଦର୍ଶକଙ୍କୁ ବିଭୋର କରିଥିଲା। ଚର୍ତୁଃପାର୍ଶ୍ୱରୁ ବିମାନ ଆସି ହରିହାଟ ପାଖରେ ପହଞ୍ଚିବା ପରେ ଦଧିବାମନ ଜୀଉ ମେଳଣ କମିଟି ଦ୍ୱାରା ସେମାନଙ୍କୁ ଭୋଗ ବିଦାକି ଦେଇ ବିଦାୟ ଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୋଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ମେଳଣ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି କାର୍ଯ୍ୟକ୍ରର ସୁପରିଚାଳନା କରିଥିଲେ।

## 'ଓଡ଼ିଆ ଗୀତକବିତାରେ ବସନ୍ତର ସ୍ଥାନ ସ୍ୱତନ୍ତ୍ର'

**କୋରେଇ ମଣ୍ଡଳ ସାହିତ୍ୟ ସଂସଦର ବସନ୍ତ ଉତ୍ସବ**

ପାଣିକୋଇଲି,୧୯।୩(ଡି.ଏନ.ଏ.) କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ମୃତ୍ୟୁଞ୍ଜୟପୁର(ପଣ୍ଡୁଳା)ସ୍ଥିତ ହିଙ୍ଗୁଳା କଲ୍ୟାଣ ମଣ୍ଡପଠାରେ ରବିବାର କୋରେଇ ମଣ୍ଡଳ ସାହିତ୍ୟ ସଂସଦର 'ବସନ୍ତ ଉତ୍ସବ' ଅନୁଷ୍ଠିତ ହୋଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ସଂସଦର ଉପସଭାପତି ବିନୋଦବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଡ.ମୋହନଚରଣ ଖୁଣ୍ଟିଆ ଓ ସୁବ୍ରତ ଦାସ ଯୋଗ ଦେଇଥିଲେ। ପଣ୍ଡିତ ଅକ୍ଷୟ ଦାସ ଓ ଅଶୋକ ପତିଙ୍କ ସଂଯୋଜନାରେ କବି ରାମାକାନ୍ତ ଜେନା, ମଧୁସୂଦନ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ପ୍ରଭାତ ମଲ୍ଲିକ, ନାରାୟଣ ମହାଲିକ, ଧରିତ୍ରୀ ଦାସ, ବିଜୟଲକ୍ଷ୍ମୀ ମହାପାତ୍ର ଓ ନଟବର ସେଠୀ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରି ଉତ୍ସବକୁ ମଧୁମୟ କରିଥିଲେ। ସାଂସ୍କୃତିକ ସମ୍ପାଦକ ବାଇଧର ମାଝି ମଞ୍ଚ ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଆଲୋଚନଚକ୍ର ଓ ସମ୍ବର୍ଦ୍ଧନା ସଭା ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଡ. ସ୍ୱାଇଁ ଯୋଗଦେଇ ଓଡ଼ିଆ ଗୀତିକବିତାରେ ବସନ୍ତର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ମୁଖ୍ୟଅତିଥିଭାବେ ବରିଷ୍ଠ ଗୀତିକବି ଓ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସ୍ୱାଇଁ ଗୀତିକୁ ବୋଲାଯାଏ କିନ୍ତୁ ଗୀତିକବିତାକୁ ଆବୃତ୍ତି କରାଯାଏ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚକ ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଅକ୍ଷୟ ମହାନ୍ତି ସଂଚାଳନା କରିଥିଲାବେଳେ ଅନୁଷ୍ଠାନ ସମ୍ପାଦକ ପଣ୍ଡିତ ଡ.ସୂର୍ଯ୍ୟମଣି ଖୁଣ୍ଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଗଠନ ସମ୍ପାଦକ ପ୍ରଦୀପ ଦାସ ଅତିଥିପରିଚୟ ପ୍ରଦାନ କରିଥିଲାବେଳେ କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ ସ୍ୱାଗତଭାଷଣ ଦେଇଥିଲେ। ଚଳିତବର୍ଷ ସଂସଦର 'ସେବା ସମ୍ମାନ' ବିଶିଷ୍ଟ ଚିକିତ୍ସକ ଡା. ଅନ୍ତର୍ଯ୍ୟାମୀ ସାହୁ,'ଜଗତ-ମଙ୍ଗଳ କୃଷକ ସମ୍ମାନ' ମୋନାଲିସା ଭଦ୍ର ଓ ସସ୍ମିତା ଦାଶ ଅଭିନନ୍ଦନିକାଙ୍କୁ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟକ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିନୋଦ ବିହାରୀ ସାହୁଙ୍କ ପୁସ୍ତକ 'ଅଲୋଡା ତେଜପତ୍ରର କାହାଣୀ', ଶିକ୍ଷାବିତ ଅକ୍ରୁର କିଶୋର ବଳଙ୍କ 'ବିବଧା', ଯୁଗଳକିଶୋର ସାବତଙ୍କ 'ଅନ୍ତରାୟ' ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଡ. ହୁସେନ ରାବି ଗାନ୍ଧୀ, ଶିଶୁସାହିତ୍ୟକ ଗିରିଧାରୀ ସ୍ୱାଇଁଙ୍କ ସମେତ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ସହସମ୍ପାଦକ ଅକ୍ଷୟ ବାରିକ, କୋଷାଧ୍ୟକ୍ଷ ନବଘନ ସ୍ୱାଇଁ, ସୁବସ ଧଳ, ଅମ୍ବରିଶ ପ୍ରିୟଦର୍ଶନ ଖୁଣ୍ଟିଆ, ମହମ୍ମଦ ନସମୁଲଗନି ଓ ପ୍ରମୋଦ ମହାନ୍ତିଙ୍କ ସମତେ ସଂସଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସହସମ୍ପାଦକ ମଳୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ।


କୋରେଇ ମଣ୍ଡଳ ସାହିତ୍ୟ ସଂସଦର ବସନ୍ତ ଉତ୍ସବରେ ଅତିଥି କୃତୀ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

## ପାଲା ଲୋକ ମହୋତ୍ସବ


ପାଲାଲୋକ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା ଓ ଅନ୍ୟମାନେ।

ପ୍ରୀତିପୁର,୧୯।୩(ଡି.ଏନ୍.ଏ.) ସୌରଭ ଭାଗୀରଥି ପଣ୍ଡା ପାଲା ଗୁରୁକୁଳ ପକ୍ଷରୁ ମଲ୍ଲିପୁରଠାରେ ପାଲା ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଜୟଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖବରଦାତା ସୁଶାନ୍ତ କୁମାର ବେହୁରିଆ ଯୋଗଦେଇ ମୋଗଲ ଶାସନ ସମୟରୁ ପାଲା ସଂସ୍କୃତି ମାଧ୍ୟମରେ ଭାଇଚାରା ରହିଆସିଛି ଏବଂ ପାଲା ଓଡ଼ିଆ ଲୋକକଳା ଓ ସଂସ୍କୃତି ପ୍ରଚାର ପ୍ରସାରର ମାଧ୍ୟମ ପାଲଟିଥିଲା ବୋଲି କହିଥିଲେ। ଖବରଦାତା ବିରଜା ପାଣି ମୁଖ୍ୟବକ୍ତା, ଶିକ୍ଷାବିତ ସରୋଜ ବିଶ୍ୱାଳ, ଖବରଦାତା ଚନ୍ଦ୍ର ନାରାୟଣ ଦାସ ଓ ପାର୍ଥସାରଥୀ ବାରିକ ଅତିଥିଭାବେ ଯୋଗଦେଇ ପାଲା ସମ୍ପର୍କରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରତାପ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସହ ସମ୍ପାଦକ ମନୋଜ ରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ବିରଜା ପାଣି, ଚନ୍ଦ୍ର ନାରାୟଣ ଦାସ ଓ ପାର୍ଥସାରଥୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶଥାଉକି, କୋଲକାତା ଇଷ୍ଟର୍ନ କୋଲଫିଲଡ ଏବଂ ଓଡ଼ିଶା କଲଚରାଲ ସେଣ୍ଟର, ହଷ୍ଟନ (ୟୁଏସ୍‌ଏ) ସହାୟତାରେ ଗତ ତିନି ବର୍ଷ ଧରିଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି।

## ଚକ୍ଷୁ ଚିକିତ୍ସା ଶିବିର: ୨୦ ରୋଗୀଙ୍କ ଚିକିତ୍ସା

ରାଜନଗର, ୧୯।୩(ଡି.ଏନ୍.ଏ.): ରାଜନଗର ବ୍ଲକ ମହିଁଷାସୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳଠାରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ସାଇନେତ୍ର ମନ୍ଦିର ଓ ମା' ଶାରଳା ହେଲ୍ଥ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ୨୦ଜଣ ଚକ୍ଷୁରୋଗୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆଖି ପରୀକ୍ଷା କରି ୧୧ ରୋଗୀଙ୍କୁ ଆସିଥିବା ଡାକ୍ତରମାନେ ଆମ୍ବୁଲାନ୍ସରେ ସାଇନେତ୍ର ମନ୍ଦିର ହସ୍ପିଟାଲକୁ ନେଇଯାଇଛନ୍ତି। ଡାକ୍ତରଙ୍କ କହିବା ମୁତାବକ, ସେଠାରେ ରୋଗୀଙ୍କ ରହିବା, ଖାଇବା ସୁବିଧା ସହ ଠିକ୍ ଚିକିତ୍ସା କରି ସମ୍ପୂର୍ଣ୍ଣ ସୁସ୍ଥ କରି ନିଜ ନିଜ ଘରେ ଆଣି ପହଞ୍ଚାଯିବ। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ, ପରମେଶ୍ୱର ବାରିକ, ସ୍ନେହାଶିଷ ଜେନା, ସନାତନ ଓଝା, ଦୁଷ୍ମନ୍ତ ଜେନା, ଯଶୋବନ୍ତ ଦାସ ଯୋଗଦେଇ ଚକ୍ଷୁ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଅନୁଗୋଳ ଅଫିସ, ୧୯।୩ ଅନୁଗୋଳ ସହରରୁ ରେଳ ଷ୍ଟେଶନ ଯିବା ରାସ୍ତାରେ ରବିବାର ଏକ ମୋଟର ସାଇକେଲ ଧକ୍କାରେ ରାଉରକେଲାର ଅନ୍ତର୍ଯ୍ୟାମୀ ସାହୁ(୫୬)ଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଅନ୍ତର୍ଯ୍ୟାମୀ ରାଉରକେଲାରୁ ଟ୍ରେନ୍‌ରେ ଅନୁଗୋଳ ଆସିଥିଲେ। ତେବେ କଟକ ଯିବା ପାଇଁ ଅନୁଗୋଳ ରେଳ ଷ୍ଟେଶନ୍‌ରୁ ଚାଲି କରି ବସ୍‌ଷ୍ଟାଣ୍ଡ ଅଭିମୁଖେ ଆସୁଥିବା ବେଳେ ଏକ ମୋଟର ସାଇକେଲ ଚାଳକ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ନେଙ୍କୁରୁଶୁଣୀଙ୍କ ବାର୍ଷିକ ଉତ୍ସବ, ବାରୁଣୀ ଯଜ୍ଞ


ନେଙ୍କୁରୁଶୁଣୀଙ୍କ ପୀଠରେ ଯଜ୍ଞ ଚାଲିଛି।

ପାଣିକୋଇଲି,୧୯।୩(ଡି.ଏନ୍.ଏ.) ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓଚିନ୍ଦା ରୋଡରେ ଥିବା ମା' ନେଙ୍କୁରୁଶୁଣୀଙ୍କ ବାର୍ଷିକ ଉତ୍ସବ ଓ ବାରୁଣୀଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହ ନାମଯଜ୍ଞ କରାଯାଇଥିଲା। ପୂଜକ ପରମାନନ୍ଦ ଶତପଥୀ ଓ ପ୍ରସନ୍ନ ପଣ୍ଡା ଯଜ୍ଞ କରିଥିଲେ। ଶଶିଭୂଷଣ ସେନାପତି ସପତ୍ନୀଙ୍କ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କମିଟି ପକ୍ଷରୁ ଉତ୍ସବ ମହାରଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ୍ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥୀ, ଭାସ୍କର ସାହୁ, ବ୍ରହ୍ମାନନ୍ଦ ସାହୁ, ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତିବର୍ଷ ଉକ୍ତ ପୀଠରେ ବାରୁଣୀ ଯଜ୍ଞ ଓ ମା'ଙ୍କ ଜନ୍ମବାର୍ଷିକ ପାଳନ କରାଯାଉଛି।

# କଳରଙ୍ଗୀ କ୍ରୋମାଇଟ ମାଇନ୍ସ ଖୋଲିବାକୁ ଦାବି

ଯାଜପୁର ଅଫିସ,୧୯।୩: ଶିଳ୍ପପତି, କର୍ପୋରେଟ ହାଉସ, ଖଣି ମାଲିକ, ଠିକାଦାର, ମନ୍ତ୍ରୀ, ବିଧାୟକଙ୍କଠୁ ଆରମ୍ଭକରି ବଡ଼ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ଖଣିରୁ ବିପୁଳ ଟଙ୍କା ହଡପ କଲେଣି। ଶାହା କମିଶନ ସୁପାରିଶକୁ ମଧ୍ୟ ଅଣଦେଖା କରାଯାଇଛି। ଏପରି କି ହାଇକୋର୍ଟ, ଜଙ୍ଗଲ ଓ ପର୍ଯ୍ୟାବରଣ କେନ୍ଦ୍ରୀୟ ବିଭାଗକୁ କାହାରି ଖାତିର ନାହିଁ ବୋଲି ଶ୍ରମିକ ନେତା ମାୟାଧର ନାୟକ ପ୍ରକାଶ କରିଛନ୍ତି। ଏକ ପ୍ରେସ୍ ଇସ୍ତାହାରରେ ସେ ଆହୁରି ଦର୍ଶାଇଛନ୍ତି, ବିଧାନସଭାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଖଣି ନିଗମ ବେଆଇନ ଖନନ ପାଇଁ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଦେଇଛି। କିନ୍ତୁ ଖଣି ଶ୍ରମିକ ଓ କର୍ମଚାରୀଙ୍କ କେହି ଆଡ ଆଖିରେ ଚାହୁଁ ନାହାଁନ୍ତି କି ଆଦୌ ଖାତିର କରୁନାହାଁନ୍ତି। ୨୨ ବର୍ଷ ହେଲା କଳରଙ୍ଗୀ କ୍ରୋମାଇଟ ମାଇନ୍ସକୁ ମିଛଟାରେ ଚକ୍ରାନ୍ତକାରୀ ଜଣେ ନେତା ଓ ଜଣେ ନିଶାସକ୍ତ ଖଣିନିଗମ ଅଫିସରଙ୍କୁ ଧରି କେନ୍ଦ୍ରକୁ ରିପୋର୍ଟ ପଠାଇଦେଲେ। ଫଳରେ ବନ୍ୟଜନ୍ତୁ ସଂରକ୍ଷଣ ଆଇନରେ କଳରଙ୍ଗୀ ଖଣି ଖନନକୁ ବନ୍ଦ କରିଦେଲେ। ଶ୍ରମିକମାନଙ୍କ ଦୃଢ ପ୍ରତିବାଦରେ ଖଣି ନିଗମ ବାଧ୍ୟ ହୋଇ ୩ ବର୍ଷ ଦରମା, ବୋନସ ଓ ଅନ୍ୟାନ ସୁବିଧା ଦେଇ ଚାଲିଲେ। ପୁଣି ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଖଣିନିଗମ ହଠାତ ଶ୍ରମିକଙ୍କ ପାଉଥିବା ପ୍ରାପ୍ୟକୁ ବନ୍ଦ କରିଦେଲେ। ଶ୍ରମିକମାନଙ୍କୁ ଯୋଡା ଖଣି ଜୋନକୁ ବଦଳି କଲେ। ଏ ନେଇ ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିୟନ ସାଧାରଣ ସମ୍ପାଦକ ହାଇକୋର୍ଟର ଦ୍ୱାରସ୍ଥ ହେଲେ। ହାଇକୋର୍ଟଙ୍କ ପକ୍ଷରୁ ଖଣି ଶ୍ରମିକମାନେ କେବଳ ପାଖାପାଖି ୮ କିଲୋମିଟର ଦୂର ପର୍ଯ୍ୟନ୍ତ ବଦଳି ହୋଇପାରିବେ ବୋଲି ରାୟ ଶୁଣାଇଲେ। ହାଇକୋର୍ଟଙ୍କ ଆଦେଶକୁ ଖଣିନିଗମ ଭୂକ୍ଷେପ କଲେନାହିଁ। ବାଧ୍ୟ ହୋଇ କେତେଜଣ ଶ୍ରମିକ ଯୋଡା-ବଡବିଲ ଯାଇ ଅସ୍ୱାସ୍ଥ୍ୟକର ପରିବେଶରେ ରୋଗାକ୍ରାନ୍ତ ହୋଇ ଫେରିଆସିଲେ। ପୁନଃଶ୍ଚ ୟୁନିୟନ ପକ୍ଷରୁ କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ନିବେଦନ କରାଗଲା। ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ମୁଖ୍ୟ ସଚିବ ୬ ମାସରେ ଖଣି ଖୋଲି ଶ୍ରମିକମାନଙ୍କୁ କାମ ଦେବା ପାଇଁ ନିର୍ଦ୍ଦେଶ ଦେଲେ। ଏ ନିର୍ଦ୍ଦେଶନାମାକୁ ଓଏମ୍‌ସି ମଧ୍ୟ ଖାତିର କଲାନାହିଁ। ସେଇ ୨୦୦୧ରୁ ଆଜି ପର୍ଯ୍ୟନ୍ତ ଯେତେ ନେହୁରା, କାକୁତିମିନତି କଲେ ବି କଳରଙ୍ଗୀ ଖଣି ଶ୍ରମିକମାନଙ୍କ ଦୁଃଖକୁ କେହି ବୁଝୁନାହାଁନ୍ତି। କଳରଙ୍ଗୀ ଖଣିକୁ କ୍ଲୋଜର ନୋଟିସ ଦିଆଯାଇନାହିଁ। ତେଣୁ ପୂର୍ବରୁ ୩ ବର୍ଷ ଦେଇଆସୁଥିବା ମାସିକ ପ୍ରାପ୍ୟ ଭଳି ୨୨ ବର୍ଷର ପ୍ରାପ୍ୟ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖଣିଆଇନ ଅନୁଯାୟୀ ଶ୍ରମିକଙ୍କ ଦେବା କଥା। କିନ୍ତୁ ଏହି ଆଇନକୁ ମଧ୍ୟ ଦବେଇ ଦିଆଯାଇଛି। ଖଣି ଶ୍ରମିକମାନେ କ୍ରୋଧରେ ଜଳୁଛନ୍ତି। ଏବେ କଳରଙ୍ଗୀ କ୍ରୋମାଇଟ ଖଣି ଶ୍ରମିକମାନେ ମରି ମରି ବଞ୍ଚିଛନ୍ତି । ତେଣୁ ଉକ୍ତ ଖଣି ଖନନ ପୁଣି ଆରମ୍ଭ କରିବା ସହ ସମ୍ପୃକ୍ତ ଶ୍ରମିକମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଏବଂ ମୃତ ଶ୍ରମିକଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବାକୁ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଶ୍ରମିକ ନେତା ନାୟକ ସୂଚନା ଦେଇଛନ୍ତି।


୨୦୨୧ରେ କଳରଙ୍ଗୀ କ୍ରୋମାଇଟ ମାଇନ୍ସ ବନ୍ଦ ହେବା ପରେ ଶ୍ରମିକଙ୍କ ଆନ୍ଦୋଳନ। (ଫାଇଲ ଫଟୋ)

## ସଂକ୍ଷେପରେ

### ବିବାହିତ ଯୁବକ ପ୍ରେମ ବିବାହ କରି ଗିରଫ

ମାହାଙ୍ଗା,୧୯।୩(ସ୍ୱ.ପ୍ର.): ବିବାହିତ ସତ୍ତ୍ୱେ ପୁନର୍ବାର ପ୍ରେମ ବିବାହ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ରବିବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ରାହାଣିଆ ପଞ୍ଚାୟତ କାଳିଅଣ୍ଟି ଗ୍ରାମର ସନ୍ତୋଷ ମହାନ୍ତି। ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଅଞ୍ଚଳର ଜଣେ ବିବାହିତା ମହିଳା ମାହାଙ୍ଗା ଥାନା ଅଞ୍ଚଳର ଏକ ଉପଡାକଘରେ ପୋଷ୍ଟମାଷ୍ଟର ଭାବେ ଚାକିରି କରିବା ସହ ନିକଟରେ ଘର ଭଡା ନେଇ ରୁହନ୍ତି। ସମ୍ପୃକ୍ତା ପୋଷ୍ଟମାଷ୍ଟରଙ୍କ ସହ ସନ୍ତୋଷଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଶେଷରେ ଉଭୟେ ସାଲେପୁର କୋର୍ଟରେ ବିବାହ କରିଥିଲେ। ସନ୍ତୋଷ ପୂର୍ବରୁ ବିବାହ କରିବା ସହ ତାଙ୍କର ଏକ ୧୨ ବର୍ଷର ପୁତ୍ର ରହିଛି। ପ୍ରଥମ ସ୍ତ୍ରୀ ରଶ୍ମିରେଖା ଏ ବିଷୟରେ ଜାଣିବା ପରେ ଉଭୟଙ୍କ ମଧ ଝଗଡ଼ା ହୋଇଥିଲା। ଏପରି କି ରଶ୍ମିରେଖାଙ୍କୁ ସନ୍ତୋଷ ମାଡ଼ ମାରିଥିଲେ। ଏହାପରେ ରଶ୍ମିରେଖା ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ସନ୍ତୋଷ ମଧ ପାଲଟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୨ଟି ମାମଲା (ନଂ.୮୩/୨୩ ଓ ୮୪/୨୩)ରୁଜୁକରି ସନ୍ତୋଷଙ୍କୁ ଗିରଫ କରିଛି। ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ନରେନ୍ଦ୍ର ଖୁଣ୍ଟିଆ ଘଟଣାର ତଦନ୍ତ କରୁଥିବାବେଳେ ଉଭୟଙ୍କ ଅଭିଯୋଗ ଆଧାରରେ ପୃଥକ୍ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ସଂପୃକ୍ତା ପୋଷ୍ଟମାଷ୍ଟର ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୁଣ୍ଟିଆ ସୂଚନା ଦେଇଛନ୍ତି।

### ମିଶନ ଅନ୍ତ୍ୟୋଦୟ ସର୍ଭେକୁ ନେଇ ଅଙ୍ଗନୱାଡି କର୍ମୀ ଅସନ୍ତୁଷ୍ଟ

ମାହାଙ୍ଗା,୧୯।୩(ସ୍ୱ.ପ୍ର.): ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ଉପରେ ବିଭିନ୍ନ କାର୍ଯ୍ୟ ଲଦି ଦିଆଯାଉଛି। ଏନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଏବେ ମିଶନ ଅନ୍ତ୍ୟୋଦୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବା ପାଇଁ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୧୫ ପଞ୍ଚାୟତରେ ଏମ୍‌ବିକେ ଓ ସିଆରପିମାନଙ୍କୁ ଏଥିପାଇଁ ନିଯୁକ୍ତି ଦିଆଯାଇଥିବାବେଳେ ଅବଶିଷ୍ଟ ୨୨ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀମାନଙ୍କୁ ଏହି ସର୍ଭେ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ରାଜସ୍ୱ ଗ୍ରାମ ପାଇଁ ଜଣେ ଲେଖାଏ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଉକ୍ତ ସର୍ଭେ ଜରିଆରେ ୨୧୬ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ଅନ୍‌ଲାଇନ ମାଧମରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ତଥ୍ୟ ମୋବାଇଲ ମାଧମରେ ସଂଗ୍ରହ କରାଯାଉଥିବାରୁ କର୍ମୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କର୍ମୀମାନଙ୍କୁ କମ୍ କ୍ଷମତାସମ୍ପନ୍ନ ମୋବାଇଲ ପ୍ରଦାନ କରାଯାଇଥିବାରୁ ଏହି କାର୍ଯ୍ୟ କରିବା ପାଇଁ ସମସ୍ୟା ହେଉଛି ବୋଲି କେତେଜଣ ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି। ଏତେଗୁଡ଼ାଏ ତଥ୍ୟ ମୋବାଇଲ୍ ମାଧମରେ ସଂଗ୍ରହ କରିବା ସମ୍ଭବପର ନୁହେଁ। ମୋବାଇଲ୍‌ରେ ଏହି ତଥ୍ୟ ସଂଗ୍ରହ ସମୟରେ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ହେଉଛି ବୋଲି ସେମାନେ ଅଭିଯୋଗରେ କହିଛନ୍ତି। ଏ ନେଇ ବ୍ଲକ ଭାରପ୍ରାପ୍ତ ଜିପିଓ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାରୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ କରିବା ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିବା କହିଛନ୍ତି।

### ଏସ୍‌ୟୁସିଆଇର ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ

ବାଲିଆ,୧୯।୩(ସ୍ୱ.ପ୍ର.): ଆସନ୍ତା ଅଗଷ୍ଟ ୫ରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ କୋଲ୍‌କାତାରେ ହେବାକୁଥିବା ସର୍ବଭାରତୀୟ ଜନସଭାକୁ ସଫଳ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପାର୍ଟିର ରାଜ୍ୟ କମିଟିର ଆହ୍ୱାନକ୍ରମେ ରବିବାର ବିରିଡ଼ି ବ୍ଲକ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟିର ମୁଖ୍ୟ ବିଶ୍ୱାବସୁ ଦାସ, ମଙ୍ଗୁଳି ଦାସ, ରମେଶ ଚନ୍ଦ୍ର ଭୋଇ, ଅଦ୍ୱୈତ କୁମାର ଜେନା, କରୁଣାକର ବେହେରା, ଅଭିମନ୍ୟୁ ଭୋଇ, ଆଲୋକ ଭୋଇ, ଗଙ୍ଗାଧର ଭୋଇ ପ୍ରମୁଖ ଏକତ୍ରିତ ହୋଇ ବିରିଡ଼ି ହାଟବଜାର, ଅଲାଣ୍ଡୋ ହାଟବଜାର, ବିରିଡ଼ି ବଜାର ଓ ସତ୍ୟନାରାୟଣ ବଜାରରୁ ପାଣ୍ଠି ସଂଗ୍ରହ କରିଛନ୍ତି।

# ମାଟିର ସୁରକ୍ଷା, ଉର୍ବରତା ପାଇଁ ପ୍ରାକୃତିକ କୃଷି ଆପଣାଅ



ଟାଇଁକୁଳରେ କୃଷକ ମେଳାରେ ଯୋଗଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କୃଷକ ମେଳା, ପ୍ରଦର୍ଶନୀ

ବାଲିକୁଦା,୧୯।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ଟାଇଁକୁଳ ଗାଁରେ ରବିବାର କୃଷକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ କୃଷି ବୈଜ୍ଞାନିକ ଯୋଗଦେଇ ରାସାୟନିକ ସାର ଏବଂ ଔଷଧ ପ୍ରୟୋଗ ନ କରି ପ୍ରାକୃତିକ ବ୍ୟବସ୍ଥାରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏପରି ହେଲେ ମାଟିର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବୈଜ୍ଞାନିକମାନେ ମତ ପୋଷଣ କରିଛନ୍ତି। ମାଟି ପ୍ରଦୂଷଣମୁକ୍ତ ହେଲେ ସ୍ୱାସ୍ଥ୍ୟକର ଖାଦ୍ୟ ମିଳିପାରିବ। ଏନେଇ ମାଟିର ସୁରକ୍ଷା ଏବଂ ଉର୍ବରତା ରକ୍ଷା ପାଇଁ ପ୍ରାକୃତିକ କୃଷିକୁ ସମସ୍ତେ ଆପଣାଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଥିଲେ। ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଆୟୋଜନକ୍ରମେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହଭାଗିତାରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ ରାଉଳ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ କୃଷିକୁ ପ୍ରାଧାନ୍ୟ ଦିଆଯାଇଥିଲା। ସେହିପରି କୃଷି ଯାନ୍ତ୍ରୀକରଣ ମାଧମରେ କିପରି ଚାଷୀ ନିଜର ଫସଲକୁ କମ୍ ଖର୍ଚ୍ଚରେ ଉତ୍ପାଦନ କରିପାରିବ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରଥମେ କୁଳପତି ଡ. ରାଉଳ କୃଷିରଥ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଓୟୁଏଟିର ଗବେଷଣା ଅଧକ୍ଷ ପ୍ରଫେସର ସଂଗ୍ରାମ ସ୍ୱାଇଁ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର, ଡ. ଜୀବନଜିତ୍ ସେନ୍, ଡ. ସଞ୍ଜୟ ଦାସ, ଡ. ଦେବରାଜ ବେହେରା. ଡ. ଦ୍ୱାରିକା ମୋହନ ଦାସ, ଡ. ଅଜୟ ଦାଶ, ଡ. ପ୍ରଦୀପ୍ତ କୁମାର ସାହୁ, ଡ.ଏସ୍‌ପି ସଂଗ୍ରାମ ସିଂ, ଡ. ଅମିତ୍ ଫୋଙ୍ଗଲାସା, ଡ. ସନ୍ତୋଷ ମହାନ୍ତି, ସ୍ଥାନୀୟ ସରପଞ୍ଚ ମାନସ ପରିଡ଼ା, ସମିତିସଭ୍ୟା ରାଜଲକ୍ଷ୍ମୀ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ଜନସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବାଲିକୁଦା ଥାନାଧିକାରୀ ସଲୀଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସରିତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଗନ୍ଧର୍ବ ଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଟାଇଁକୁଳ ଗ୍ରାମସଭା ଯୁଗଜ୍ୟୋତି ଯୁବକ ସଂଘ ଓ କସ୍ତୁରବା ମହିଳା ସମିତି ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।

# ହିନ୍ଦୀ ନାଟକ ଭଗୱାଜୁକେୟାମରେ ସାମାଜିକ, ଦାର୍ଶନିକ, ଧାର୍ମିକ ସଂଘର୍ଷ



ଭଗୱାଜୁକେୟାମ ନାଟକର ଏକ ଦୃଶ୍ୟ।

## ପାରାଦୀପରେ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

ପାରାଦୀପ,୧୯।୩(ସ୍ୱ.ପ୍ର.)

ପାରାଦୀପର ଜୟଦେବ ଭବନରେ ରବିବାର ସନ୍ଧ୍ୟାରେ ୨୦ତମ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷ ଆଶିଷ କୁମାର ବୋଷ୍, କୋଷ୍ଟଗାର୍ଡ ଡିଆଇଜି ୱାଇ.କେ. ସିଂହ, ଇଫ୍‌କୋ ନିର୍ଦ୍ଦେଶକ କେ.ଜେ. ପଟେଲ, ରିଫାଇନେରି ନିର୍ବାହୀ ନିର୍ଦ୍ଦେଶକ ମୁକେଶ ମୋହନ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ୧୦ ଦିନ ଧରି ଚାଲିବ। ପ୍ରଥମ ସନ୍ଧ୍ୟାରେ ଉତ୍ତରପ୍ରଦେଶ ଲକ୍ଷ୍ନୌ ନିପାରଙ୍ଗ ମଣ୍ଡଳୀ ଅନୁଷ୍ଠାନର ହିନ୍ଦୀ ନାଟକ ଭଗୱାଜୁକେୟାମ ମଞ୍ଚସ୍ଥ ହୋଇଥିଲା। ସୂର୍ଯ୍ୟମୋହନ କୁଳଶ୍ରେଷ୍ଠଙ୍କ ନିର୍ଦ୍ଦେଶନାରେ ଏହି ନାଟକରେ ସାମାଜିକ, ଦାର୍ଶନିକ, ଧାର୍ମିକ ସଂଘର୍ଷର ଚିତ୍ର ଥିଲା। ଭଗବତ ଗୀତାରେ ଦର୍ଶାଯାଇଥିବା ଜ୍ଞାନ ଦର୍ଶନକୁ ବୌଦ୍ଧଧର୍ମ କିପରି ମୁକାବିଲା କରୁଛି ତାହାକୁ କଳାକାରମାନେ ଅଭିନୟ ମାଧମରେ ଦର୍ଶାଇଥିଲେ।





ପାରାଦୀପ ବନ୍ଦର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ବର୍ଥରେ ରବିବାର ସର୍ବବୃହତ୍ ଜାହାଜ 'ଏମ୍‌ଭି ଆର୍‌ବେଲା' ଲାଗିଛି।

## ଏମ୍‌ଭି ଆର୍‌ବେଲା ଜାହାଜରେ ୧,୫୦,୪୭୦ ମେଟ୍ରିକ୍ ଟନ୍ ଲୁହାପଥର

### ପାରାଦୀପ ବନ୍ଦର ଇତିହାସରେ ସର୍ବାଧିକ ପଣ୍ୟ ବୋଝେଇ

ପାରାଦୀପ,୧୯।୩(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ବର୍ଥରେ ରବିବାର ସର୍ବବୃହତ୍ ଜାହାଜ 'ଏମ୍‌ଭି ଆର୍‌ବେଲା' ଲାଗିଛି। ସେଥିରେ ସର୍ବାଧିକ ୧ ଲକ୍ଷ ୫୦ ହଜାର ୪୭୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଛି। ପାରାଦୀପ ବନ୍ଦର ଇତିହାସରେ ଏହା ସର୍ବାଧିକ ପଣ୍ୟ ବୋଝେଇ ଜାହାଜ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ ୧,୫୦,୧୫୦ ମେଟ୍ରିକ୍ ଟନ୍ ସର୍ବାଧିକ ଥିଲା।

## ବେଆଇନ ମାଟି ଉଠାଣ: ଥାନାରେ ଅଭିଯୋଗ

ବଡ଼ଚଣା,୧୯।୩(ଡି.ଏନ୍.ଏ.)

ବେଆଇନ ଭାବେ ଜଳ ସମ୍ପଦ ବିଭାଗ ଜମିରୁ ରାତିରେ ମାଟି ଉଠାଇ ବିକ୍ରି କରାଯାଉଛି। ଏନେଇ ଚଣ୍ଡିଖୋଲ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଭାଗବତ ବେହେରା ବୈରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ନୂତନ ଭାବେ ଯାଉଥିବା ରେଲୱେ ଲାଇନ୍‌ରେ ମାଟି ପୋତାଯାଉଥିବାରୁ ବଡ଼ଚଣା ବ୍ଲକ୍ ଅଧୀନ ବନ୍ତଳା ପଞ୍ଚାୟତର ବରୀ, ବାରିମୂଳ, ଠେଙ୍ଗଡ଼ ଆଦି ଗ୍ରାମ ନିକଟରୁ ଦୁର୍ବୃତ୍ତ ମାଟି ଉଠାଇ ବିକ୍ରି କରି ଚାଲିଛନ୍ତି। ଗ୍ରାମର ଲୋକେ ମାଟି ଉଠାଣକୁ ବିରୋଧ କରିବା ସହ ସ୍ଥାନୀୟ ସରପଞ୍ଚ ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏ କଥା ଜାଣିବା ପରେ ଜଳ ସମ୍ପଦ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବୈରୀ ଥାନା ଅଧିକାରୀ ନଂ.୪୭/୨୩ରେ ଏକ ମାମଲାର ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ମାତୃଶକ୍ତି ସକଳ ଶକ୍ତିର ଆଧାର

କୁଜଙ୍ଗ,୧୯।୩(ଡି.ଏନ୍.ଏ.)

## ବ୍ଲକସ୍ତରୀୟ ବିଜେଡି ମହିଳା ସମାବେଶ





ବିଜେଡି ମହିଳା ସମାବେଶରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ମାତୃଶକ୍ତି ସକଳ ଶକ୍ତିର ଆଧାର। ମା'ଙ୍କ ଆଶୀର୍ବାଦ ଯାହାସଙ୍ଗେ ରହେ ସେ ଅପରାଜେୟ ହୁଏ। ମା'ମାନଙ୍କ ହୃଦୟ ସମସ୍ତଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳୀ ବୋଲି ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ବ୍ଲକସ୍ତରୀୟ ବିଜେଡି ମହିଳା ସମାବେଶରେ ଯୋଗଦେଇ କହିଛନ୍ତି। କୁଜଙ୍ଗ ବ୍ଲକ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ତଥା ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରାଙ୍କ ଅଧକ୍ଷତାରେ ସ୍ଥାନୀୟ ସନ୍ତରା ପଡ଼ିଆଠାରେ ରବିବାର ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ରାଉତରାୟ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ମିଶନ ଶକ୍ତି ଜରିଆରେ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ କରାଇପାରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଶତକଡା ୫୦ ଭାଗ ସ୍ଥାନ ସଂରକ୍ଷଣ କରି ସାରା ଭାରତବର୍ଷରେ ଉଦାହରଣ ସୃଷ୍ଟି କରିଛନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ମହିଳା ଆଜି ରାଷ୍ଟ୍ରପତି ହେବାସହ ସଂସଦ ଓ ବିଧାନସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାର ଶାସନ କ୍ଷେତ୍ରରେ ମା'ମାନଙ୍କ ସମର୍ଥନ ଯେପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ପ୍ରତି ଥିବ ସେପର୍ଯ୍ୟନ୍ତ ସେ ଓଡ଼ିଶାବାସୀଙ୍କ ସେବା କରି ଚାଲିଥିବେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ଯେପରି କ୍ଷମତାକୁ ଆସିବ ସେଥିପାଇଁ ମା'ମାନେ ଆଗେଇ ଆସିବାକୁ ରାଉତରାୟ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମାବେଶରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସବିତା ମହାପାତ୍ର, ଜିଲା ପରିଷଦ ସଭ୍ୟା କନକପ୍ରଭା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ଫତେପୁର ସମିତିସଭ୍ୟା ଇଂ. ଅମିତା ସ୍ୱାଇଁ, ନନ୍ଦିନୀ ପଣ୍ଡା, ଯୁବନେତା ଅରୁଣ ବେହେରା, ପାରାଦୀପ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ପ୍ରକାଶ ଚନ୍ଦ୍ର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସୁଢ଼ଳ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁ ଜନତା ଦଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ।

## ଗୀତା ଯଜ୍ଞରେ ସାମିଲ ହେଲେ କଏଦୀ



ଗୀତାଯଜ୍ଞରେ ସାମିଲ ହୋଇଥିବା କଏଦୀ ଓ ଅନ୍ୟମାନେ।

କୁଜଙ୍ଗ,୧୯।୩ (ଡି.ଏନ୍.ଏ)

କୁଜଙ୍ଗ ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବାସଂସ୍ଥା ଆନୁକୂଲ୍ୟରେ କୁଜଙ୍ଗ ଉପକାରାଗାର ପରିସରରେ ଚାଲିଥିବା ଗୀତାଯଜ୍ଞ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଡ. ହେମନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଗତ ୧୩ ତାରିଖଠାରୁ ଏହି ଗୀତାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ଭଗବତ ଗୀତା ଉପରେ ମହାବିଦ୍ୟାଳୟ ଅଧକ୍ଷ ଡ. ନିରଞ୍ଜନ ରାଉତ କାରାଗାରର ଅନ୍ତେବାସୀଙ୍କୁ କହିଥିଲେ। ଗୀତା ମାଧମରେ ପଥ ପରିବର୍ତ୍ତନ କରିବାକୁ ସେ କଏଦୀମାନଙ୍କୁ ଆହ୍ୱାନ ଦେଇଥିଲେ। ଉପକାରାଗାର ଅଧୀକ୍ଷକ ହେମନ୍ତ କୁମାର ସେଠୀ ଶୃଙ୍ଖଳିତ ଜୀବନଚର୍ଯ୍ୟା ଭଗବତ ମନ୍ତ୍ର ନେଇ ଜୀବନରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ । ସହକାରୀ ଜେଲର ପ୍ରଫୁଲ୍ଲ ଜେନା, ଶ୍ରୀନିବାସ ଦାସ, ଫାର୍ମାସିଷ୍ଟ ଓ ଜେଲ୍‌ର କର୍ମଚାରୀ ବିଜ୍ଞାନ ପ୍ରଧାନ, ପୀୟୂଷ ନାୟକ, ପ୍ରଶାନ୍ତ ନାୟକ, ଲିପ୍‌ସା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରକଳ୍ପ ଅଛି, ପାଣି ମିଳୁନି

ବିଞ୍ଝାରପୁର,୧୯।୩(ଡି.ଏନ.ଏ.)

- ପାରିପଦା ଗ୍ରାମରେ ଜଳ ସଙ୍କଟ
- ଗୋଟିଏ ନଳକୂଅ ଉପରେ ୧୩୦ ପରିବାର ନିର୍ଭର

ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରକୂଳ ପଞ୍ଚାୟତ ପାରିପଦା ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ଉକ୍ତ ପଞ୍ଚାୟତରେ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଛି, ହେଲେ ଗ୍ରାମବାସୀଙ୍କୁ ପାଣି ମିଳୁନି। ଫଳରେ ଗ୍ରାମରେ ଥିବା ଗୋଟିଏ ନଳକୂଅ ଉପରେ ୧୩୦ ପରିବାର ନିର୍ଭର କରୁଛନ୍ତି। ରାତି ପାହିଲେ ନଳକୂଅ ପାଖରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି। ଗୋଟିଏ ନଳକୂଅକୁ ଉପରେ ଶତାଧିକ ପରିବାର ନିର୍ଭର କରୁଥିବାରୁ କୌଣସି କାରଣରୁ ବେଳେବେଳେ ନଳକୂଅ ଅଚଳ ହୋଇଗଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାକୁ ନେଇ ଅନେକ ସମୟରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ଜଳସ୍ତର କମିବା ଦ୍ୱାରା ଗ୍ରାମରେ ଥିବା ଅନ୍ୟ ୨ଟି ନଳକୂଅ ମଧ ଅଚଳ ହୋଇପଡିଛି।

ପଞ୍ଚାୟତବାସୀଙ୍କ ଜଳ ସମସ୍ୟା ଦୂର କରିବାକୁ ସରକାରଙ୍କ ପକ୍ଷରୁ ୨୦୧୮ରେ ୬୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପଞ୍ଚାୟତରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ବସୁଧା ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପରୁ ପଞ୍ଚାୟତର ବିଭିନ୍ନ ଗାଁକୁ ପାଇପ୍ ସଂଯୋଗ କରାଯାଇ ଜଳ ଯୋଗାଣ କରାଯାଇଥିଲା। ମାତ୍ର ଅଳ୍ପ କେଇଟା ଦିନପରେ ପାରିପଦା ଗ୍ରାମକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଗ୍ରାମର ତ୍ରିଲୋଚନ ମଲିକ୍, ସର୍ବେଶ୍ୱର ମଲିକ୍, ଜିତେନ୍ଦ୍ର ମଲିକ୍, ପ୍ରମିଳା ମଲିକ୍, ଜାନକୀ ମଲିକ୍, ରୀନାରାଣୀ ମଲିକ, ମନୋରମା ମଲିକ ଓ ଧ୍ରୁବଚରଣ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳି ରଥଙ୍କୁ ପଚାରିବାରୁ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକ ମୋଟର ଲଗାଇ ନିଜନିଜ ଘରର ଟାଙ୍କିକୁ ପାଣି ଉଠାଉଛନ୍ତି, ଫଳରେ ପାରିପଦା ଗ୍ରାମକୁ ପାଣି ଯାଇପାରୁନି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ୍ ଅଞ୍ଚଳର ବହୁ ଗାଁରେ ନଳକୂଅ ଅଚଳ ହେଉଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ମା' କନକଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ଯାତ୍ରା ଆରମ୍ଭ



ମା' କନକଦୁର୍ଗାଙ୍କ ପୀଠରେ ପୂଜକ ପୂଜାର୍ଚ୍ଚନା କରୁଛନ୍ତି।



ମାନସିକଧାରୀମାନେ ମା'ଙ୍କ ସମ୍ମୁଖ ଦାଣ୍ଡ ଓଳାଉଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୯।୩

- ଦାଣ୍ଡ ଓଳାଇଲେ ଓ କୁକୁଡ଼ା ଉଡ଼ାଇଲେ ଲୋକେ
- ମରହଟ୍ଟାମାନଙ୍କ ସମୟରୁ ମା'ଙ୍କ ପୀଠର ପ୍ରସିଦ୍ଧି ରହିଛି

ଜଗତ୍‌ସିଂହପୁର ଜିଲା ପିତେଇପୁର ପଞ୍ଚାୟତସ୍ଥିତ ମା' କନକଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ଯାତ୍ରା ଆରମ୍ଭ ହୋଇଛି। ଏହା ଏକ ସପ୍ତାହ ଧରି ଚାଲିବ। ରବିବାର ପ୍ରଭାତରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୀଠରେ ବାରୁଣୀ ସ୍ନାନ କରାଯାଇଥିଲା। ପରେ ପରମ୍ପରା ଅନୁଯାୟୀ, ଦାଣ୍ଡ ଓଳେଇବା ଓ କୁକୁଡ଼ା ଉଡ଼ା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଏନେଇ ଦିନସାରା ମା'ଙ୍କ ପୀଠରେ ପୂଜାପାଠ ସାଙ୍ଗକୁ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜନସାଧାରଣଙ୍କ ସମାବେଶକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ବହୁସଂଖ୍ୟାରେ ଦୋକାନବଜାର ଖୋଲିଛି। ବିଶେଷକରି ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଗହଳି ଦେଖିବାକୁ ମିଳିଛି। ଏ ସମ୍ପର୍କରେ ମନ୍ଦିର ସେବାୟତ କୁଳମଣି ନାୟକଙ୍କ ସମେତ ସ୍ଥାନୀୟ କେତେଜଣ ଲୋକଙ୍କ କହିବା କଥା ହେଲା, ଦୀର୍ଘବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ଜଙ୍ଗଲ ଥିଲା। ହଠାତ୍ ମା'ଙ୍କ ଆବିର୍ଭାବ ହୋଇଥିଲା। ଏକଦା ୨ ଜଣ ସ୍ତ୍ରୀ ଲୋକ ଜାଳ ଆଣିବା ପାଇଁ ଏହି ଜଙ୍ଗଲକୁ ଯାଇଥିଲେ। ସେତେବେଳେ ଜଣଙ୍କ ଝିଅକୁ ସାପ କାମୁଡ଼ିଥିଲା। ଏ ପରିସ୍ଥିତିରେ ସ୍ତ୍ରୀ ଲୋକ ଦୁହେଁ ଚିନ୍ତାରେ ପଡ଼ିଯାଇଥିଲେ। ଶେଷରେ ଝିଅକୁ ମା' ନିକଟରେ ଶୁଆଇଦେଇ ଶରଣ ପଶିଥିଲେ। ତା'ପରେ ଝିଅଟି ସୁସ୍ଥ ହୋଇଯାଇଥିଲା। ସେବେଠାରୁ ସାପ କାମୁଡ଼ିଥିବା ବ୍ୟକ୍ତିମାନେ ମା'ଙ୍କ ପାଖକୁ ଆସି ଭଲ ହୋଇଥା'ନ୍ତି। ପୂର୍ବରୁ ଯେଉଁ ରୋଗୀ ଏଠାକୁ ଆସି ଭଲହୋଇ ଯାଉଥିଲେ ସେମାନେ ମେଣ୍ଢା, ଛେଳି ଆଦି ବଳି ଦେଉଥିଲେ। ପରବର୍ତ୍ତୀ ସମୟରେ ବଳିପ୍ରଥା ବନ୍ଦ ହୋଇଯାଇଛି। ବାରୁଣୀ ଯାତ୍ରା ସମୟରେ ମା'ଙ୍କ ପୀଠରେ ପୂର୍ବ ଓ ପଶ୍ଚିମ ଓଡ଼ିଶାର ଅପୂର୍ବ ସଂଯୋଗର ପରମ୍ପରା ପରିଲକ୍ଷିତ ହୁଏ। ଯେଉଁ ସାଧାରଣ ଜାତିର ଲୋକେ ମା'ଙ୍କ ପାଖରେ ମାନସିକ କରିଥା'ନ୍ତି ସେମାନଙ୍କ ମାନସିକ ପୂରଣ ପରେ ଏହି ଦିନ ସେମାନେ ମା'ଙ୍କ ସମ୍ମୁଖ ଦାଣ୍ଡ ଓଳାଇଥାନ୍ତି । ଆଉ ଦଳିତମାନେ କୁକୁଡ଼ା ଉଡାଇ ମା'ଙ୍କ କୃପାଲାଭ କରନ୍ତି। ଏଭଳି ପ୍ରାଚୀନ ପରମ୍ପରା ମାସେ କି ବର୍ଷେ ନୁହେଁ, କେଉଁ ଆବହମାନ କାଳରୁ ଅର୍ଥାତ୍ ମରହଟ୍ଟାମାନଙ୍କ ଶାସନ ସମୟରୁ ପ୍ରଚଳିତ ହୋଇଆସୁଛି। ରବିବାର ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା ବାରୁଣୀ ଯାତ୍ରାରେ ଏସବୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

## ସଂକ୍ଷେପରେ

### ବାଇକ୍ ଧକ୍କାରେ କୃଷ୍ଣସାର ମୃଗ ଆହତ



ବୁଗୁଡ଼ା,୧୯।୩(ଡି.ଏନ୍.ଏ.): ବୁଗୁଡ଼ା ମୁଖ୍ୟ ସଡ଼କ ବାଙ୍କେଶ୍ୱରୀ ମନ୍ଦିର ନିକଟରେ ବାଇକ୍ ଧକ୍କାରେ ଏକ ଗର୍ଭବତୀ କୃଷ୍ଣସାର ମୃଗ ଆହତ ହୋଇଛି। ରବିବାର ଅପରାହ୍ନ ୨ଟାରେ ମୃଗଟି ରାସ୍ତା ପାର ହେଲାବେଳକୁ ହଠାତ୍ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇ ରାସ୍ତାକଡ଼ ବିଲରେ ଛିଟିକି ପଡ଼ିଥିଲା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା କେତେଜଣ ଯୁବକ ଆହତ ମୃଗଟିକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ଖବର ପାଇ ପହଞ୍ଚିବା ପରେ ବାଲିପଦର ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବନରକ୍ଷୀ ଶରତ ବେହେରା ଓ କୃଷ୍ଣସାର ମୃଗ ସୁରକ୍ଷା ଦଳ ଏବଂ ବନ କର୍ମଚାରୀ ପହଞ୍ଚି ଆହତ ମୃଗଟିକୁ ଉଦ୍ଧାର କରି ବୁଗୁଡ଼ା ପ୍ରାଣୀଧନ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାକୁ ଚାରିମାଇଲସ୍ଥିତ କୃଷ୍ଣସାର ନିରାପତ୍ତା କେନ୍ଦ୍ରରେ ଛଡ଼ାଯାଇଥିଲା।

### ଶାନ୍ତିଝରରେ ବନବିହାର, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଧରାକୋଟ,୧୯।୩(ଡି.ଏନ୍.ଏ.)- ଧରାକୋଟ ନିକଟସ୍ଥ ପୀକନିକ ସ୍ପଟ ସନ୍ତିଝରରେ ରବିବାର ହିଞ୍ଜିଳିକାଟୁ ସ୍ଥିତ ମା' କାନକଦୁର୍ଗା ପାଣି ପାଇପ ଓ ଘରୋଇ ବିଦ୍ୟୁତ୍ କର୍ମଚାରୀ ସଂଘର ବନବିହାର ଓ ବନ୍ଧୁ ମିଳନ ସହ ବଣିକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିଚିତ୍ରାନନ୍ଦ ମୁନି, ଉପସଭାପତି ଭାବେ ପ୍ରମୋଦ କୁମାର ମହାରଣା, ସମ୍ପାଦକ ଭାବରେ ସୀମାଚଳ ପଣ୍ଡା, ସହ ସମ୍ପାଦକ ଭାବରେ ବାଲାଜୀ ସ୍ୱାଇଁ, କୋଷାଧକ୍ଷ ଭାବେ ଯୁଗଳ କିଶୋର ପାଣିଗ୍ରାହୀ ମନୋନୀତ ହୋଇଥିଲେ। ଏହି ଅବସରରେ ସନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀ, ଧରାକୋଟ ପ୍ରେସ କ୍ଲବ ଉପଦେଷ୍ଟା ହୃଦାନନ୍ଦ ଜେନା, ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟ, ଉପସଭାପତି ଗିରିଜା ପ୍ରସାଦ ରଥ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ନାୟକ, ସହସମ୍ପାଦକ ଶିଶିର ମହାନ୍ତି, କୋଷାଧକ୍ଷ ରବି ନନ୍ଦନ ପ୍ରଧାନ, ବରିଷ୍ଠ ସଭ୍ୟ ଶିବାଜି ଗଣେଶ ପଣ୍ଡା ଓ କାଳୁ ଚରଣ ମହାପାତ୍ରଙ୍କୁ ବଣିକ ସଂଘ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ୮.୧୭ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୩: ଫିରିଙ୍ଗିଆ ଏବଂ ଗୋଚ୍ଛାପଡ଼ା ଥାନା ପୋଲିସ ଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୮ କୁଇଣ୍ଟାଲ ୧୭ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗୋଚ୍ଛାପଡ଼ା ପୋଲିସ ଡୁମ୍ବେରିଖେଟା ଗ୍ରାମର କାର୍ତ୍ତିକେଶ୍ୱର ଦିଗାଲଙ୍କ ଘରେ ଚଢ଼ାଉ ୭ କୁଇଣ୍ଟାଲ ୧୦ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲା। ଫିରିଙ୍ଗିଆ ଥାନା ପୋଲିସ ମାଝିପଡ଼ା ଘାଟିରେ ଚଢ଼ାଉ କରି ଏକ କାରରୁ ୧ କୁଇଣ୍ଟାଲ ୬ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହିତ ତଳପଡ଼ାର ମଣିଆ ଦିଗାଲଙ୍କୁ ଗିରଫ କରିଛି।

### କନ୍ଧମାଳ ସାମ୍ବାଦିକ ୟୁନିୟନ୍‌ର ବୈଠକ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୩: କନ୍ଧମାଳ ଜିଲା ସାମ୍ବାଦିକ ୟୁନିୟନ୍‌ର ବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ, ଥାନାଧିକାରୀ ତପନ କୁମାର ନାହାକ, ଓଡ଼ିଶା ସାମ୍ବାଦିକ ୟୁନିୟନ୍‌ର ରାଜ୍ୟ ସମ୍ପାଦକ ଅଶୋକ ନନ୍ଦ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ଏବଂ ସେମାନଙ୍କ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଅଶୋକ ମହାନ୍ତି, ସାଧାରଣ ସମ୍ପାଦକ ଅସିତ୍ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବେହେରା, ଉପସଭାପତି ପ୍ରଦୀପ କୁମାର ବେହେରା, ପ୍ରବୀଣ ପଟ୍ଟନାୟକ, ଉତ୍ତମ ଖମାରୀ, ସହସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଅଜିତ କୁମାର ନାୟକ, ବିପ୍ର ଚରଣ ସାହୁ, କୋଷାଧକ୍ଷ ଭାବେ ଭଗବତ ପ୍ରସାଦ ସାବତ, କଲ୍ୟାଣ ପାଣ୍ଠି ଅଧକ୍ଷ ଭାବେ ଅନନ୍ତ ଦିଗାଲ ପ୍ରମୁଖ ମନୋନୀତ ହୋଇଥିଲେ।

# ପିଜୁଳି ଚାଷ, ଚାରା ଉତ୍ପାଦନ ଦେଇଛି ଜୀବିକା

ପାରଳାଖେମୁଣ୍ଡି,୧୯।୩(ଡି.ଏନ୍.ଏନ୍.)



ଚାଷୀ ମୋହନ ପାତ୍ର।

ଖରିଫ ଖରିଫ ଚାଷ ହେଉକି ରବି ଚାଷ, ବିଭିନ୍ନ ସମସ୍ୟା ଉପୁଜୁଥିବାକୁ ନେଇ ଅନେକ ଚାଷୀ ଚାଷକାର୍ଯ୍ୟ ପ୍ରତି ଆଉ ସେପରି ମନ ବଳାଉ ନାହାନ୍ତି । ପୂର୍ବପରି ଚାଷୀମାନେ ଚାଷବାସ କାର୍ଯ୍ୟ ନିମନ୍ତେ ସେପରି ଉତ୍ସାହିତ ବା ଆଗ୍ରହ ଦେଖାଉନାହାନ୍ତି। ହେଲେ ଗଜପତି ଜିଲା ଗୋଷାଣି ବ୍ଲକ ମଧୁସୂଦନପୁର ପଞ୍ଚାୟତ ସଦର ମହକୁମା ମଧୁସୂଦନପୁର ଗ୍ରାମର ମୋହନ ପାତ୍ର ଧାନ ବା ପାରମ୍ପରିକ ଚାଷକୁ ଛାଡି ପିଜୁଳି ଚାଷ ସହ ଚାରା ଉତ୍ପାଦନ କେନ୍ଦ୍ର ସ୍ଥାପନ କରି ଜୀବିକା ଆପଣାଇଛନ୍ତି। ସେ ଏଭଳି ପିଜୁଳି ଚାଷ କାର୍ଯ୍ୟ ମାତ୍ର ୪ବର୍ଷ ହେଲା ଆରମ୍ଭ କରିଥିଲେ ହେଁ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସଫଳ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କ ପୂର୍ବଜମାନେ ପାରମ୍ପରିକ ଚାଷ ତଥା ଧାନ ଅମଳ କରୁଥିଲେ। ହେଲେ ଏଥିରେ ସେତେଟା ଲାଭ ମିଳିନଥିଲା। ଏହାପରେ ପନିପରିବା ଚାଷ କରିଥିଲେ ମଧ୍ୟ ଆଖିଦୃଶିଆ ସଫଳତା ମିଳିନଥିଲା। ଏତିକିରେ ସେ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ଆଗକୁ ଯିବା ଉଦ୍ଦେଶ୍ୟରେ ଉଦ୍ୟାନ ବିଭାଗର ପରାମର୍ଶ ଲୋଡିଥିଲେ ମୋହନ। ଉଦ୍ୟାନ ବିଭାଗ ତାଙ୍କୁ ପିଜୁଳି ଚାଷ ସମ୍ପର୍କରେ ବୁଝାଇବା ସହ ତାଲିମ ପାଇଁ ଭୁବନେଶ୍ୱର ପଠାଇଥିଲେ। ତାଲିମ ପରେ ସେ ପାରଳାଖେମୁଣ୍ଡି ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ କିଛିଦିନ ରହି ଚାରା ଉତ୍ପାଦନ ସମ୍ପର୍କରେ ଜାଣିଥିଲେ। ଏହାପରେ ଉଦ୍ୟାନ ବିଭାଗ ତରଫରୁ ୨୫୦ ଗଛ ଯୋଗାଇ ଦିଆଯାଇଥିଲା। ପ୍ରଥମେ ସେ ଏହି ପିଜୁଳି ଚାରାଗୁଡିକୁ ନିଜର ୮୦ସେଣ୍ଟ ଜମିରେ ରୋପଣ କରିଥିଲେ । ପ୍ରଥମ ବର୍ଷ ୧ଟନ୍, ଦ୍ୱିତୀୟ ବର୍ଷ ୨ଟନ ଏପରି ଭାବେ ୪ବର୍ଷ ମଧ୍ୟରେ ସେ ୪ଟନ ପିଜୁଳି ଅମଳ କରି ବାର୍ଷିକ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରିପାରୁଥିବାର ପ୍ରକାଶ କରିଛନ୍ତି। ପିଜୁଳି ଚାଷ ସହ ସେ ନର୍ସରୀ ବା ଚାରା ଉତ୍ପାଦନ ମଧ୍ୟ କରୁଥିବାର ଲକ୍ଷ୍ୟ କରାଯାଇଛି। ପିଜୁଳି ସହ ଆମ୍ବ, ପଣସ, କାଜୁ, ଅଁଳା, ପଣସ ଆଦି ଚାରା ନିଜେ ଉତ୍ପାଦନ କରୁଥିବାର ଦେଖାଯାଇଛି। ଏହା ସହ ଏକ ବାଡରେ ବିଭିନ୍ନ ପ୍ରଜାତିର ଫୁଲ ଗଛ ମଧ୍ୟ ଉତ୍ପାଦନ କରୁଛନ୍ତି । ଗୋଲାପ ଫୁଲଠାରୁ ଆରମ୍ଭ କରି ସେବତୀ, ମନ୍ଦାର, ମଣ୍ଡାଫୁଲ ଚାରା ତଥା ଗଛ ଉତ୍ପାଦନ କରିବାରେ ଲାଗିପଡିଛନ୍ତି। ସେ ଏହି ସମସ୍ତ କାର୍ଯ୍ୟ ନିଜେ ଏବଂ ତାଙ୍କ ପରିବାର ଲୋକଙ୍କ ସାହାଯ୍ୟରେ କରୁଛନ୍ତି। ଏହି ବର୍ଷ ଜଣେ ସ୍ୱେଚ୍ଛାସେବୀ ସଙ୍ଗଠନ ୧୫୦୦ରୁ ଊର୍ଦ୍ଧ୍ୱ କାଜୁ ଚାରା କ୍ରୟ କରିବାପାଇଁ ବରାଦ ଦେଇଥିବାର ମୋହନ ପ୍ରକାଶ କରିଛନ୍ତି। ନିଜର ସ୍ୱଳ୍ପ ପରିମାଣ ଜମିରେ ପିଆଜଠାରୁ ଆରମ୍ଭ କରି ଫୁଲ ଏବଂ ବିଭିନ୍ନ କିସମର ଚାରା ଉତ୍ପାଦନ କରି ରୋଜଗାର ଭଲ ହେଉଥିବାର ଖୁସି ବ୍ୟକ୍ତ କରିଛନ୍ତି। ପୂର୍ବେ ଧାନ ତଥା ପାରମ୍ପରିକ ଚାଷରେ କ୍ଷତି ସହୁଥିବା ମୋହନ ପାତ୍ର ଏବେ ପିଜୁଳି ଚାଷ ସାଙ୍ଗକୁ ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରି ବେଶ ଲାଭବାନ ହୋଇପାରିଛନ୍ତି। ତାଙ୍କରି ଏହି ସଫଳତା ପାଇଁ ବର୍ତ୍ତମାନ ଅଞ୍ଚଳରେ ଖ୍ୟାତି ଲାଭ କରୁଛନ୍ତି। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ମଣିଷକୁ ସଫଳତାର ଶିଖରକୁ ପହଞ୍ଚାଇଦିଏ ବୋଲି ସେ ପ୍ରମାଣିତ କରିଛନ୍ତି।

# ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ଧରାକୋଟ, ୧୯।୩ (ଡି.ଏନ୍.ଏ)

ଧରାକୋଟ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ମୁଣ୍ଡମରାଇ ଓ ବଳରାମପୁର ସେବା ସମବାୟ ସମିତି ପରିସରରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମହିଳାଙ୍କୁ ନେଇ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ କର୍ମଶାଳାକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବ୍ୟାଙ୍କ ସଭାପତି ମଙ୍ଗଲୁ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକସ୍ତରୀୟ ଜୋନ ଡାଇରେକ୍ଟର ବିପିନ ବିହାରୀ ସ୍ୱାଇଁ, ସମବାୟବିତ ବିଜୟ ପାଣିଗ୍ରାହୀ, ଧରାକୋଟ ବ୍ୟାଙ୍କ ପରିଚାଳକ ସୁଜାତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭାପତି ରାଜେନ୍ଦ୍ର ଗୌଡ଼ ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ରାଜେନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ । ଯୁବନେତା ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଚାଷୀମାନେ କିପରି ସହଜରେ ଋଣ ପାଇ ଫସଲ ଆଦାୟ କରିବେ ଏବଂ ବ୍ୟାଙ୍କ ସେବା ପାଇବେ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ମୁଣ୍ଡମରାଇ ସରପଞ୍ଚ ଅଭିମନ୍ୟୁ ସେଠୀ, ଝାଡବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଶରଧାପୁର ସରପଞ୍ଚ ଦିଲୀପ ଜେନା, ଝରପାଣି ପ୍ରତିନିଧି ରଞ୍ଜିତ ଭୂୟାଁ, ସାମାଜିକ କର୍ମୀ ଶିବଶଙ୍କର ପାତ୍ର, ଧରାକୋଟ ସମିତି ସମ୍ପାଦକ ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗମ ସ୍ଥଳରେ ବାରୁଣୀ ସ୍ନାନ



ସଂଗମସ୍ଥଳିରେ ଶ୍ରଦ୍ଧାଳୁଙ୍କ ବାରୁଣୀ ସ୍ନାନ

ଆସିକା,୧୯।୩ (ଡି.ଏନ.ଏ.)

ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱର ପଲ୍ଲୀସ୍ଥିତ ଋଷିକୂଲ୍ୟା ଓ ବଡନଦୀର ସଙ୍ଗମ ସ୍ଥଳରେ ରବିବାର ମହାବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଥିଲା । ଶନିବାର ଅପରାହ୍ନରୁ ଲାଗି ରହିଥିବା ଝିପିଝିପିଆ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଭୋରରୁ ସଙ୍ଗମ ସ୍ଥଳରେ ପହଞ୍ଚି ସ୍ନାନ, ତିଳୋତର୍ପଣ ଓ ପିତୃ ପୁରୁଷଙ୍କ ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ ସାଙ୍ଗକୁ ଦାନପୂଣ୍ୟ କରିଥିଲେ। ପବିତ୍ର ଋଷିକୂଲ୍ୟା ନଦୀ ପ୍ରତି ଜନମାନସରେ ରହିଥିବା ଭାବାବେଗରୁ ଶ୍ରଦ୍ଧାଳୁ ଏହି ସଙ୍ଗମ ସ୍ଥଳରେ ଜିଲା ଓ ଜିଲା ବାହାରୁ ଆସି ସମାଗମ ହୋଇଥିଲେ। ପ୍ରଥମ କରି ଚଳିତ ବର୍ଷ ବାରୁଣୀସ୍ନାନ ସନ୍ଧ୍ୟାରେ ସଙ୍ଗମସ୍ଥଳିରେ ଋଷିକୂଲ୍ୟା ମହାଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ତମାମ ପୂଜାର୍ଚ୍ଚନା ଓ ହୋମ ପରେ ସନ୍ଧ୍ୟାରେ ଭରପୁର ଶ୍ରଦ୍ଧାଳୁଙ୍କ ସମାଗମରେଏହି ଆଳତୀ କାର୍ଯ୍ୟକ୍ରମ ସଙ୍ଗମସ୍ଥଳକୁ ଉତ୍ସବ ମୁଖରୀତ କରିଥିଲା ।

# ଅଧାପନ୍ତରିଆ ଶିଶୁ ପାର୍କ କାର୍ଯ୍ୟ ଆରମ୍ଭ



ପୂର୍ବରୁ ଅଧାପନ୍ତରିଆ ପାର୍କ।



ବର୍ତ୍ତମାନ ପାର୍କରେ ନିର୍ମାଣ କାର୍ଯ୍ୟ ସହ ପେଭର ପଡିଛି।

ବ୍ରହ୍ମପୁର ଅଫିସ୍,୧୯।୩

## ଧରିତ୍ରୀ ପ୍ରଭାବ

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ୧୯ ନଂ ୱାର୍ଡ ଅନ୍ତର୍ଗତ ଖଲାସୀ ସାହି ଛକରେ ଅଧାପନ୍ତରିଆ ଶିଶୁ ପାର୍କ ନେଇ ଗତ ୧୪ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଇଏମସି ପକ୍ଷରୁ ତତ୍ପରତା ଦେଖାଦେଇଛି। ବିଇଏମ୍‌ସି ପକ୍ଷରୁ ବର୍ତ୍ତମାନ ଉକ୍ତ ପାର୍କରେ ଶିଶୁମାନେ ଦୋଳି ଖେଳିବା ସ୍ଥାନରେ ପେଭର ବ୍ଲକ ପକାଯାଇଛି। ଏଥିସହ ଶିଶୁ ପାର୍କର ଉନ୍ନତିକରଣ ନେଇ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି, ବିଇଏମ୍‌ସି ପକ୍ଷରୁ ମୁକ୍ତା ଯୋଜନା ଅଧୀନରେ ସହରରେ ୬୫ଟି ଶିଶୁ ଉଦ୍ୟାନ ପାଇଁ ୨ କୋଟି ୪୪ଲକ୍ଷ ବ୍ୟୟ ଅଟକଳ ରହିଛି। କିନ୍ତୁ ବିଇଏମ୍‌ସି ପକ୍ଷରୁ ସହରର ଅନେକ ସ୍ଥାନରେ ଶିଶୁ ପାର୍କଗୁଡିକ ଦୀର୍ଘ ଦିନ ଧରି ଅଧପନ୍ତରିଆ ଭାବେ ପଡି ରହିଥିବା ଅଭିଯୋଗ ହେଉଛି। ଫଳରେ ଅନେକ ସମୟରେ ବହୁ ଶିଶୁ ଖେଳୁଥିବା ସମୟରେ ଆହତ ହେଉଥିବା ନଜିର ରହିଛି। ଏଣୁ ଅଧପନ୍ତରିଆ ଶିଶୁ ପାର୍କ ଗୁଡିକୁ ତୁରନ୍ତ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଆଜି ଉଦ୍‌ଯାପିତ ହେବ ଆର୍ଯ୍ୟ ମହୋତ୍ସବ

ରାଇକିଆ,୧୯।୩(ଡି.ଏନ୍.ଏ)

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଅବସରରେ ରାଇକିଆଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା କନ୍ଧମାଳ ଆର୍ଯ୍ୟ ମହୋତ୍ସବ ଆସନ୍ତାକାଲି ସୋମବାର ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ତପୋବନ ଶାନ୍ତି ଆଶ୍ରମ ସଭାପତି ସୁଦାମ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା, ବଣିକ ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ପୂଜା କମିଟି ସଭାପତି ଡିଲୁ ମହାନ୍ତି, ଜିଲା ଆର୍ଯ୍ୟ ସମାଜ ସଭାପତି ବାଳକୃଷ୍ଣ ପ୍ରଧାନ, ରାଇକିଆ ବୈଦିକ ସତ୍‌ସଙ୍ଗ ଆଶ୍ରମ ସଭାପତି ଓମ୍ ପ୍ରକାଶ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପଣ୍ଡିତ ସୋମଦତ୍ତ ଶାସ୍ତ୍ରୀ, ଆଚାର୍ଯ୍ୟ ନିରଞ୍ଜନ, ନାଗାଲାଣ୍ଡ ଆଶ୍ରମର ମୁଖ୍ୟ ସଙ୍ଗଠକ ଅମିତ୍ ଆର୍ଯ୍ୟ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାମ ବେଦ ପାରାୟଣ ମହାଯଜ୍ଞ, ବେଦ ପ୍ରବଚନ, ଶୋଭାଯାତ୍ରା, ବ୍ୟାୟାମ ସମ୍ମିଳନୀ, ଭଜନ ସନ୍ଧ୍ୟା, ସମ୍ମାନ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାର ବିଭିନ୍ନ ପ୍ରାନ୍ତରୁ ଆର୍ଯ୍ୟ ସମାଜ ସହ ସଂଶ୍ଳିଷ୍ଟ ଆଚାର୍ଯ୍ୟ, ବିଦ୍ୱାନ୍, ବ୍ରହ୍ମଚାରୀ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିବା ବେଳେ ଆର୍ଯ୍ୟ ସମାଜ କନ୍ଧମାଳ ତରଫରୁ ଏହାକୁ ଆୟୋଜନ କରାଯାଇଛି।

# ବିଇଏମ୍‌ସି ପକ୍ଷରୁ ସ୍ୱଚ୍ଛତା ଆୱାର୍ଡ




ବିଇଏମ୍‌ସି ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନକୁ ଆୱାର୍ଡ ପ୍ରଦାନ।

ବ୍ରହ୍ମପୁର ଅଫିସ୍,୧୯।୩

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଶୁକ୍ରବାର ଟାଉନ ହଲଠାରେ ସ୍ୱଚ୍ଛତା ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଏମ୍‌ସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି, ଡେପୁଟି କମିଶନର ବିନୋଦ କୁମାର ବେହେରା ଓ ଆଶୀର୍ବାଦ ପରିଡା ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ କର୍ପୋରେଟର, ଏନଜିଓ, ସିନିୟର ସିଟିଜେନ ଓ ସିଟିଜେନ ଗ୍ରୁପକୁ ମିଶାଇ ୧୦ ଜଣଙ୍କୁ ସ୍ୱଚ୍ଛତା ଚମ୍ପିଆନ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱଚ୍ଛ ସ୍କୁଲ, ସ୍ୱଚ୍ଛ ହୋଟେଲ, ସ୍ୱଚ୍ଛ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱଚ୍ଛ ଆପାର୍ଟମେଣ୍ଟ, ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ ଓ ଚାମ୍ବର ଅଫ କମର୍ସକୁ ସ୍ୱଚ୍ଛ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିଭଳି ସାନିଟେଶନ ଇନିସପେକ୍ଟର, ସାନିଟେଶନ ଏଜେନ୍ସି, ଜମାଦାର ଓ ୪୨ଟି ୱାର୍ଡର ସାନିଟେଶନ କର୍ମଚାରୀଙ୍କୁ ସ୍ୱଚ୍ଛ ଟେକ୍ନୋଲୋଜି ଚ୍ୟାଲେଞ୍ଜ ଆୱାର୍ଡ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଇଏମ୍‌ସି ସାନିଟେଶନ ବିଭାଗର ସାଗରିକା ଖଣ୍ଡୁଆଳ ଓ ଆଲୋକ ଦାଶଙ୍କ ସମେତ ବହୁ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଗଛ ପଡ଼ି ଦୁଇ ପରିବାରର ଘର ଭାଙ୍ଗିଲା

ଆର.ଉଦୟଗିରି/ପାରଳାଖେମୁଣ୍ଡି,୧୯।୩(ଡି.ଏନ.ଏ.)



ମୋହନା ବ୍ଲକ ମଳାସପଦର ପଞ୍ଚାୟତ ରିଚାଗୁଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତ୍ର ଅଦିନିଆ ବର୍ଷାରେ ଏକ ବିରାଟ ଆମ୍ବଗଛ ଉପୁଡ଼ି ଯାଇଥିଲା। ଏହି ଆମ୍ବଗଛ ନିକଟରେ ଦୁଇ ପରିବାର ରହୁଥିଲେ। ଦୁଇ ପରିବାରଙ୍କ ଘର ଉପରେ ଗଛଟି ପଡ଼ିଥିଲେ ମଧ୍ୟ ଲୋକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଘରଗୁଡ଼ିକ କ୍ଷତଗ୍ରସ୍ତ ହୋଇଛି। ଦୁଇଟି ଘରର ୩୦ ହଜାର ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ଅଗ୍ନିଶମ ବିଭାଗ ଅଧିକାରୀ କବିରାଜ ସେଠୀ ସୂଚନା ଦେଇଛନ୍ତି। ରବିବାର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛକୁ କାଟି ପରିଷ୍କାର କରିଥିଲେ।

# ବର୍ଷା ପାଇଁ ସମସ୍ୟାରେ ଶ୍ରଦ୍ଧାଳୁ



ବର୍ଷା ଲାଗି କାଦୁଅରେ ଗାଡ଼ି ଫସିଯାଇଛି।

ସୋରଡା,୧୯।୩(ଡି.ଏନ୍.ଏ.)

ସୋରଡା ବ୍ଲକ ସାଲିମଗୋଛା ନିକଟ କନ୍ଧମାଳ ଜିଲା ଋଷିମାଳ ପର୍ବତରେ ରବିବାର ଭୋରରୁ ବାରୁଣୀ ସ୍ନାନ ପାଇଁ ହଜାର ହଜାର ମହିଳା, ପୁରୁଷ ଭକ୍ତମାନେ ପହଞ୍ଚିଥିଲେ। ଭୋରରୁ ଅପରାହ୍ନ ଯାଏ ଭକ୍ତଙ୍କ ଲାମ୍ବା ଧାଡି ଦେଖିବାକୁ ମିଳିଥିଲା। ଏଠାକୁ ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାର ବହୁ ଗ୍ରାମରୁ ଶ୍ରଦ୍ଧାଳୁ ଆସିଥିଲେ। ତେବେ ଚଳିତ ଥର ଋଷିମଳ ପର୍ବତକୁ ରାସ୍ତା ନିର୍ମାଣ ଚାଲିଥିବା ବେଳେ ପ୍ରବଳ ବର୍ଷା ଯୋଗୁ ରାସ୍ତା କାଦ ସାଙ୍ଗକୁ ପର୍ବତର ପାଦ ଦେଶକୁ ସଂଯୋଗ କରୁଥିବା ତାମାଙ୍ଗୀ ଗ୍ରାମ ନିକଟ ରାସ୍ତାରେ କଲଭାର୍ଟ ନିର୍ମାଣ ଚାଲିଥିବାରୁ ଏକ ଅସ୍ଥାୟୀ ଡାଇଭର୍ଶନ କରାଯାଇଛି । ଉକ୍ତ ଡାଇଭର୍ଶନରେ ଶନିବାର ରାତି ୧ ଟାରେ ଏକ ୪୦୭ ଗାଡି କାଦୁଅରେ ଫସିଯାଇଥିଲା। ଏଥିଯୋଗୁ ଭକ୍ତ ମାନଙ୍କୁ ନେଇଯାଉଥିବା ବହୁ ଗାଡି ଅଟକି ଯାଇଥିଲା। ରବିବାର ସକାଳୁ ୧୫ କିଲୋମୋଟର ଚାଲି ଚାଲି ପାହାଡର ପାଦ ଦେଶ ପର୍ଯ୍ୟନ୍ତ ଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ବଡଗଡ, ଟାକୁଣ୍ଡା ଅଞ୍ଚଳରୁ ମହିଳାମାନେ ନିଜ ଗ୍ରାମରୁ ଚାଲି ଚାଲି ଯାଇଥିଲେ। ତେବେ କ୍ରମାଗତ ବର୍ଷା ସତ୍ତ୍ୱେ ଲୋକମାନେ ବାରୁଣୀ ସ୍ନାନ କରି ଫେରିଛନ୍ତି ।

# ବୁଢ଼େଶ୍ୱର ଶୈବପୀଠର ନୂତନ ପରିଚାଳନା କମିଟି ଗଠିତ

ଦିଗପହଣ୍ଡି,୧୯।୩(ଡି.ଏନ.ଏ.)



ସଭାରେ ଉପସ୍ଥିତ ଶୈବପୀଠ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ବୃନ୍ଦ।

ସାନଖେମୁଣ୍ଡି ବ୍ଲକ ଚୁଡଙ୍ଗପୁର ପଞ୍ଚାୟତ ରତ୍ନମାଳାପୁର ଗ୍ରାମରେ ଥିବା ବହୁ ପୁରାତନ ଶ୍ରୀ ବୁଢ଼େଶ୍ୱର ଶୈବପୀଠର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏଥି ଉପଲକ୍ଷେ ଆୟୋଜିତ ଆଲୋଚନା ସଭାରେ ମଙ୍ଗୁଲୁ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଶୈବପୀଠର ସର୍ବବିଧ ବିକାଶ ପାଇଁ ସଭାରେ ବିସ୍ତୃତ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭା ଶେଷରେ ଶୈବପୀଠର ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ପରିଚାଳନା କମିଟି ସଭାପତି ଭାବେ ବସନ୍ତ ପାଢ଼ୀ, ଉପସଭାପତିଏ. ମାଧବ ରେଡ୍ଡୀ, ସମ୍ପାଦକ ରଞ୍ଜନ ସାହୁ, ସହ ସମ୍ପାଦକ ଏ. ନରେନ୍ଦ୍ର ରେଡ୍ଡୀ, କୋଷାଧକ୍ଷ ଭାବେ ବାଳକୃଷ୍ଣ ଚୌଧୁରୀ ଓ ପରିଚାଳନା କମିଟି ସଦସ୍ୟ ଭାବେ ଏ.ରାଜୁ ରେଡ୍ଡୀ, ଉପଦେଷ୍ଟା ଭାବେ ରଘୁନାଥ ବେହେରା, ମଙ୍ଗୁଲୁ ସ୍ୱାଇଁ, ନୃସିଂହ ମାଦଳା, ଲକ୍ଷ୍ମୀ ନାରାୟଣ ଆଚାରି, ରବୀନ୍ଦ୍ର ବେହେରା, ଉନ୍ନୟନ କମିଟି ସଦସ୍ୟ ଭାବେ ସୁଶାନ୍ତ ନାୟକ, ପ୍ରମୋଦ ନାୟକ, ଅଖିଳେଶୁ ଦୋରା, ଜଗନ୍ନାଥ ପାଣିଗ୍ରାହୀ, କେ. ନାଗେଶୁ ରେଡ୍ଡୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସଭାରେ ଉପସ୍ଥିତ ପୁରାତନ କର୍ମକର୍ତ୍ତା ବୃନ୍ଦ ସ୍ୱଇଚ୍ଛାରେ ନିଜ ନିଜ ପଦବୀରୁ ଇସ୍ତଫା ଦେଇଥିବା ବେଳେ ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନା ସଭାରେ ଶୈବପୀଠର ବିଭିନ୍ନ ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶୈବପୀଠ ପରିଚାଳନା କମିଟିର ସକ୍ରିୟ ସଭ୍ୟ ଭାବେ ପାଟପୁର, ପଳାଶପୁର, ରତ୍ନମାଳାପୁର ଗ୍ରାମର ୧୧ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଶୈବପୀଠର ନୂତନ କର୍ମକର୍ତ୍ତାମାନେ ସ୍ଥାନୀୟ ବ୍ଲକ ପ୍ରଶାସନ ଏବଂ ଗଞ୍ଜାମ ଜିଲା ପ୍ରଶାସନକୁ ସାକ୍ଷାତ କରି ଶୈବପୀଠର ବିକାଶ ପାଇଁ ଆଲୋଚନା କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ସଭାରେ ପାଟପୁର, ପଳାଶପୁର, ମହାନଳା, ରତ୍ନମାଳାପୁରର ବହୁ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଆମେ ବିପଦରେ ସାଥୀ ପକ୍ଷରୁ ଜଳଛତ୍ର

ପାଣିକୋଇଲି,୧୯।୩(ଡି.ଏନ.ଏ.): ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ପକ୍ଷରୁ କରଦା ମେଲଣ ପାଇଁ କରଦା କଲ୍ୟାଣ ମଣ୍ଡପ ସମ୍ମୁଖରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଦର୍ଶକଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସୁବାସ ଧଳ, ମନମୋହନ ବାରିକ, ଅଶୋକ ବେହେରା, ରବୀନ୍ଦ୍ର ବେହେରା, ସୁଧାଶଙ୍କର ବିଶ୍ୱାଳ, ରାକେଶ ରଞ୍ଜନ ପଣ୍ଡା, ବାଦଲ ନାୟକ, ଗୋଲକ ବିହାରୀ ପରିଡ଼ା, ତପନ ମହାନ୍ତି, ସତ୍ୟ ବାରିକ, ଦିଲୀପ ସ୍ୱାଇଁ, ଅନୁପ ବେହେରା, ସୁଦର୍ଶନ କୁଣ୍ଡୁ ଓ ଅଞ୍ଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଟାଟା ପାୱାର ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ଶିବିର

ପାଣିକୋଇଲି,୧୯।୩(ଡି.ଏନ.ଏ.): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ବାଲିଦାଣ୍ଡଠାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ପକ୍ଷରୁ ଏକ ନିଃଶୁଳ୍କ ଭ୍ରାମ୍ୟମାଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଅସିତ ଅମିତାଭ ଧଳ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ଶ୍ରଦ୍ଧାସୁମନ ପଟ୍ଟନାୟକ ଓ ଫାର୍ମାସିଷ୍ଟ ପ୍ରିୟଙ୍କା ମଞ୍ଜରୀ ସାହୁ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଶିବିରରେ ୪୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚଙ୍କ ପ୍ରତିନିଧି ଲୋକନାଥ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ୱାର୍ଡ ସଭ୍ୟ ସଙ୍ଗୀତା ମଲିକ ଓ ଫିରୋଜ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

### କଣ୍ଟାବଣରେ ଫାଣ୍ଡି ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୯।୩:** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା କଣ୍ଟାବଣଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଦେଉଳିସ୍ଥିତ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଉଲ୍ଲେଖ କରାଯାଇ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅଭିଯୋଗ ସେଲ୍‌କୁ ରବିବାର ପଠାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି ଗୌତମ ବେହେରା କହିଛନ୍ତି, କଣ୍ଟାବଣର ଯଥେଷ୍ଟ ଗୁରୁତ୍ୱ ଅଛି। ପ୍ରତିଦିନ ଏହି ଅଞ୍ଚଳରେ ବିଭିନ୍ନ କାରଣରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ବହୁ ସମୟରେ ଅସାମାଜିକଙ୍କ ଆକ୍ରୋଶ ଓ ଲୁଟ୍‌ର ଶିକାର ହେଉଛନ୍ତି। ଏହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏଠାରେ ଏକ ପୋଲିସ ଫାଣ୍ଡିର ଆବଶ୍ୟକତା ବଢ଼ିଯାଇଛି। ଏ ନେଇ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ ସମାଧାନ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଫାଣ୍ଡି ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ସଂଘର କର୍ମକର୍ତ୍ତା ପ୍ରସ୍ତୁତ ଥିବା ସଂଘ ସଭାପତି ବେହେରା ପ୍ରକାଶ କରିଛନ୍ତି।

# ପ୍ରକଳ୍ପ ଅଛି, ପାଣି ମିଳୁନି

**ବିଞ୍ଝାରପୁର,୧୯।୩(ଡି.ଏନ.ଏ.)**


ନଳକୂପରୁ ଜଳ ସଂଗ୍ରହ ପାଇଁ ମହିଳାମାନେ ଧାଡ଼ି ବାନ୍ଧିଛନ୍ତି।

ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରକୂଳ ପଞ୍ଚାୟତ ପାରିପଦା ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ଉକ୍ତ ପଞ୍ଚାୟତରେ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଛି, ହେଲେ ଗ୍ରାମବାସୀଙ୍କୁ ପାଣି ମିଳୁନି। ଫଳରେ ଗ୍ରାମରେ ଥିବା ଗୋଟିଏ ନଳକୂଅ ଉପରେ ୧୩୦ ପରିବାର ନିର୍ଭର କରୁଛନ୍ତି। ରାତି ପାହିଲେ ନଳକୂଅ ପାଖରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି। ଗୋଟିଏ ନଳକୂଅ ଉପରେ ଶତାଧିକ ପରିବାର ନିର୍ଭର କରୁଥିବାରୁ କୌଣସି କାରଣରୁ ବେଳେବେଳେ ନଳକୂଅ ଅଚଳ ହୋଇଗଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାକୁ ନେଇ ଅନେକ ସମୟରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ଜଳସ୍ତର କମିବା ଦ୍ୱାରା ଗ୍ରାମରେ ଥିବା ଅନ୍ୟ ୨ଟି ନଳକୂଅ ମଧ୍ୟ ଅଚଳ ହୋଇପଡ଼ିଛି।

ପଞ୍ଚାୟତବାସୀଙ୍କ ଜଳ ସମସ୍ୟା ଦୂର କରିବାକୁ ସରକାରଙ୍କ ପକ୍ଷରୁ ୨୦୧୮ରେ ୬୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପଞ୍ଚାୟତରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ବସୁଧା ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପରୁ ପଞ୍ଚାୟତର ବିଭିନ୍ନ ଗାଁକୁ ପାଇପ୍ ସଂଯୋଗ କରାଯାଇ ଜଳ ଯୋଗାଣ କରାଯାଇଥିଲା। ମାତ୍ର ଅଳ୍ପ କେଇଟା ଦିନପରେ ପାରିପଦା ଗ୍ରାମକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମର ତ୍ରିଲୋଚନ ମଲିକ, ସର୍ବେଶ୍ୱର ମଲିକ, ଜିତେନ୍ଦ୍ର ମଲିକ, ପ୍ରମିଳା ମଲିକ, ଜାନକୀ ମଲିକ, ରୀନାରାଣୀ ମଲିକ, ମନୋରମା ମଲିକ ଓ ଧ୍ରୁବଚରଣ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ

**ପାରିପଦା ଗ୍ରାମରେ ଜଳ ସଙ୍କଟ**

- ଗୋଟିଏ ନଳକୂଅ ଉପରେ ୧୩୦ ପରିବାର ନିର୍ଭର

ତୃପ୍ତାଞ୍ଜଳି ରଥଙ୍କୁ ପଚାରିବାରୁ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକ ମୋଟର ଲଗାଇ ନିଜନିଜ ଘରର ଟାଙ୍କିକୁ ପାଣି ଉଠାଉଛନ୍ତି, ଫଳରେ ପାରିପଦା ଗ୍ରାମକୁ ପାଣି ଯାଇପାରୁନି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ୍ ଅଞ୍ଚଳର ବହୁ ଗାଁରେ ନଳକୂଅ ଅଚଳ ହେଉଥିବା ଦେଖିବାକୁ


ଉତ୍ତରକୂଳ ପଞ୍ଚାୟତରେ ଥିବା ପାଣିଟାଙ୍କି।

ମିଳିଛି, ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ବୈତରଣୀ ଜ୍ୟୋତି ଉନ୍ମୋଚିତ

**ଯାଜପୁର ଟାଉନ,୧୯।୩(ଡି.ଏନ.ଏ.)**

ବାରୁଣୀ ଉପଲକ୍ଷେ ପୂଣ୍ୟତୋୟା ବୈତରଣୀ ତଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବୈତରଣୀ ଜ୍ୟୋତି ରବିବାର ଉନ୍ମୋଚିତ ହୋଇଯାଇଛି। ବୈତରଣୀ ଜ୍ୟୋତିର ସମ୍ପାଦକ ଡ. ପ୍ରଭଞ୍ଜନ ପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ବୈତରଣୀ ଜ୍ୟୋତିକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥିଭାବେ ଯୁଗାନ୍ତର ସମ୍ପାଦକ ଡ. ଭାଗ୍ୟଧର ସାହୁ ଯୋଗଦେଇ ଯାଜପୁରର ଐତିହ୍ୟ, ସଂସ୍କୃତି ଉପରେ ଆଲୋଚନା କରିବା ସହିତ ଆମର ଭାଷା, ସାହିତ୍ୟ ଓ ମାଟି ମହାନ ବୋଲି ସୂଚନା ଦେଇଥିଲେ। ଉତ୍ସବରେ ପ୍ରାକ୍ତନ ପ୍ରାଧ୍ୟାପକ ଡ.ରବୀନ୍ଦ୍ର ବିହାରୀ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର, ପ୍ରାକ୍ତନ ପ୍ରାଧ୍ୟାପକ ଡା. ଦାମୋଦର ବେହେରା, ବ୍ରହ୍ମବରଦା ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଯୋଗଦେଇ ବାରୁଣୀର ମହାତ୍ମ୍ୟ ଓ ଯାଜପୁରର ଐତିହ୍ୟ, ସଂସ୍କୃତି, ଭାଷା ଏବଂ ସାହିତ୍ୟ ଅତି ମହାନ୍ ବୋଲି ସୂଚନା ଦେବା ସହିତ ଏହି ମାଟିର ଅନବଦ୍ୟ ସଂସ୍କୃତି ଯୁଗେଯୁଗେ ଧରି ରଖିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଡ. ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ. କାହ୍ନୁଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମଧୁ ବୈଶ୍ୟ ସମାଜର ଏକତ୍ରୀକରଣ ଉପରେ ପ୍ରାଥମିକତା

**କଳିଙ୍ଗନଗର,୧୯।୩(ଡି.ଏନ.ଏ.)**

ଯାଜପୁର ଜିଲାସ୍ତରୀୟ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ତରଫରୁ ବ୍ୟାସନଗରଠାରେ ରବିବାର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ବରିଷ୍ଠ ସଦସ୍ୟ ହୃଷୀକେଶ ପୃଷ୍ଟି ବୈଠକକୁ ଉଦ୍‌ଘାଟନ କରିଥିଲେ। ଦଳା ସ୍ଥିତ ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ଅନୁଷ୍ଠିତ ସଭାରେ ଜିଲାର ମଧୁ ବୈଶ୍ୟ ସମାଜର ଏକତ୍ରୀକରଣ ଉପରେ ପ୍ରାଥମିକତା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଧୀରେନ୍ଦ୍ର କୁମାର ସାହୁଙ୍କ ଆବାହକତ୍ୱ ଓ ସଭାପତି ବସନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ଯାଜପୁର ରୋଡ୍ ଅଞ୍ଚଳର ଡା. ଅନ୍ତର୍ଯ୍ୟାମୀ ସାହୁ, ଜାରକାର ସୁନାକର ସାହୁ, କବାଟବନ୍ଧର କାହ୍ନୁଚରଣ ସାହୁ, କୁମ୍ଭୀରଗାଡ଼ିଆର ରବୀନ୍ଦ୍ର ସାହୁ, ମାର୍ଥାପୁରର ହୃଷୀକେଶ ପୃଷ୍ଟି, ଦାନଗଦିର ମଦନ ମୋହନ ସାହୁ ଓ ଯଖପୁରାର କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଜାତିଭିତ୍ତିକ ଏକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲାର ସମସ୍ତ ବ୍ଲକ ଓ ୨ ମ୍ୟୁନିସିପାଲିଟି ଅଞ୍ଚଳରେ ସଂଗଠନକୁ ସୁଦୃଢ଼ କରିବା ସହିତ ଜିଲାର କୋଣ ଅନୁକୋଣରେ ଥିବା ମଧୁବୈଶ୍ୟ ପରିବାରକୁ ଏକତ୍ରିତ କରିବା ପାଇଁ ପ୍ରତି ମାସରେ ଜିଲାର ବିଭିନ୍ନ ସ୍ଥାନରେ ବୈଠକ ଆୟୋଜନ ନିମନ୍ତେ ମତ ଗୃହୀତ ହୋଇଥିଲା। ପ୍ରତି ବ୍ଲକସ୍ତରରେ ଡିଜିଟାଲ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୀରକିଶୋର ସାହୁ, ବିଷ୍ଣୁ ଚରଣ ସାହୁ, ସତୀଶ ସାହୁ, ହୃଷୀ ପୃଷ୍ଟି, ସତ୍ୟଜିତ ସାହୁ, ଭୀମସେନ ସାହୁ, ସୁଶୀଲ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୈରାଗୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସଂଘର ଦ୍ୱିତୀୟ ବୈଠକ ଜାରକାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।


ଯାଜପୁର ଜିଲାସ୍ତରୀୟ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ନୀଳାଚଳ ସାରସ୍ୱତ ସଂଘ ବିବାଦର ସମାଧାନ

**ଧର୍ମଶାଳା,୧୯।୩(ଡି.ଏନ.ଏ.)**

ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘର ଉତ୍ତରାଧିକାରୀଙ୍କୁ ନେଇ ଲାଗିରହିଥିବା ବିବାଦ ସର୍ବୋଚ୍ଚ ନ୍ୟାୟଳୟ ଦ୍ୱାରା ସାମାଧାନ ହୋଇଛି। ସଭାପତି ଚୈତନ୍ୟ ଚରଣ ଦାସ ଓ ସମ୍ପାଦକ ରଘୁନାଥ ପତିଙ୍କ ଦ୍ୱାରା ପରିଚାଳିତ ସଂଘ ହିଁ ପ୍ରକୃତ ନୀଳାଚଳ ସାରସ୍ୱତ ସଂଘ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଶୁଣାଇଛନ୍ତି। ଏନେଇ ରବିବାର ଜାରକାସ୍ଥିତ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଆଶ୍ରମ ଧର୍ମଶାଳା ଶାଖା ସଂଘ ପକ୍ଷରୁ ଆହୁତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଧର୍ମଶାଳା ଶାଖା ସଂଘ ସମ୍ପାଦକ ନିରଞ୍ଜନ ସାହୁ, ଉପସଭାପତି ସଚ୍ଚିଦାନନ୍ଦ ମହାନ୍ତି, ବରିଷ୍ଠ ସଦସ୍ୟ ବଟକୃଷ୍ଣ ମହାନ୍ତି, ଧରଣୀଧର ପୃଷ୍ଟି ଓ ସଦୀପ୍ତ ମହାନ୍ତି ପ୍ରମୁଖ ସମ୍ମିଳନୀରେ ଯୋଗଦେଇ ସର୍ବୋଚ୍ଚ ନ୍ୟାୟଳୟ ପ୍ରଦାନ କରିଥିବା ରାୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, ୧୯୮୫ରେ ନୀଳାଚଳ ସାରସ୍ୱତ ସଂଘ ପୁରୀର ପରିଚାଳକ ଦୁର୍ଗା ଚରଣ ମହାନ୍ତିଙ୍କ ମୃତ୍ୟୁପରେ ୯ ଜଣିଆ ପରିଚାଳନା କମିଟି ଗଠନ କରାଯାଇଥିଲା। ଦାମୋଦର ଦାସ ଓ ଜଗନ୍ନାଥ ସାମନ୍ତରାୟ ମୁଖ୍ୟ ସଂଘରୁ ବାହାରି ଏକ ସମାନ୍ତରାଳ ସଂଗଠନ ଗଠନ କରି ସଂଘକୁ ବିଭାଜନ କରିଥିଲେ। ତେବେ



ଖବରଦାତା ସମ୍ମିଳନୀରେ ନୀଳାଚଳ ସାରସ୍ୱତ ସଂଘ ଧର୍ମଶାଳା ଶାଖାର କର୍ମକର୍ତ୍ତା ଯୋଗଦେଇ ସୂଚନା ଦେଉଛନ୍ତି।

**ସୁପ୍ରିମକୋର୍ଟରେ କାଏମ ରହିଲା ହାଇକୋର୍ଟଙ୍କ ରାୟ**

ପ୍ରକୃତ ନୀଳାଚଳ ସାରସ୍ୱତ ସଂଘ କିଏ ସେଥିପାଇଁ ହାଇକୋର୍ଟରେ ୨୦୦୪ରେ ମାମଲା ହୋଇ ତାହା ବିଚାର ଚାଲିଥିଲା। ୨୦୧୯।୨୦୨୨ରେ ଉଚ୍ଚ ନ୍ୟାୟାଳୟ ଏଭଳି ବେଆଇନ ପରିଚାଳନାକୁ ରଦ୍ଦ କରିଦେଇଥିଲେ। ପରେ ଏହାକୁ ନେଇ ଉକ୍ତ ସଂଘ ସର୍ବୋଚ୍ଚ ନ୍ୟାୟାଳୟରେ ଅବେଦନ କରିଥିଲା। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟକୁ ଚଳିତ ମାସ ୧୩ ତାରିଖରେ କାଏମ ରଖିବା ସହ ସମସ୍ତ ଅପିଲକୁ ଖାରଜ କରିଛନ୍ତି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମ୍ମାନ ଜଣାଇ ପ୍ରତିପକ୍ଷ ଶୃଙ୍ଖଳା ରକ୍ଷା କରିବା ସହ ଠାକୁରଙ୍କ ମର୍ଯ୍ୟାଦା ରକ୍ଷା କରିବାରେ ସାହାଯ୍ୟ କରିବାକୁ ଉକ୍ତ ସମ୍ମିଳନୀରେ ନିବେଦନ କରାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ଜେନା, ରାମକୃଷ୍ଣ ମହାନ୍ତି, ବିରୂପାକ୍ଷ କର, ପୂଜକ ଅଭିରାମ ମହାପାତ୍ର, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ଦେବବ୍ରତ ସାହୁ, ମାତା ଭାରତୀ କର, ରଶ୍ମି ସାହୁ, ଶାନ୍ତିଲତା ପୃଷ୍ଟି, କାମିନୀବାଳା ମହାନ୍ତି, ଅମୀୟ ସେଠୀ, ଉମାକାନ୍ତ ମହାନ୍ତି ଓ ଗୌରାଙ୍ଗ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୧୯୩୪ରେ ଆରମ୍ଭ ହୋଇଥିବା ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଂଘ ଅଧୀନରେ ରାଜ୍ୟରେ ୨୦୦ ଶାଖା ସଂଘ ରହିଛି। ସେହି ଶାଖା ମଧ୍ୟରୁ ଧର୍ମଶାଳା ଶାଖା ସଂଘ ଅନ୍ୟତମ ବୋଲି କୁହାଯାଇଛି।

# ମହିଳାଙ୍କ ଆତ୍ମହତ୍ୟା, ଅପମୃତ୍ୟୁ ମାମଲା

**ରାଜନଗର, ୧୯।୩ (ଡି.ଏନ୍.ଏ.)**

ରାଜନଗର ଥାନା ଅନ୍ତର୍ଗତ ମହିଁଷାସୁର ପଞ୍ଚାୟତର ଗୁଲୁଦିଆ ଗାଁରେ ଜ୍ୟୋତିବ୍ରତ ନାୟକଙ୍କ ପତ୍ନୀ ରଶ୍ମିତା ମହାନ୍ତି(୩୦) ଶନିବାର ଆତ୍ମହତ୍ୟା କରିଥିଲେ। ରଶ୍ମିତା ନିଜ ଶୋଇବା ଘରେ ପିନ୍ଧା ଲୁଗା ବେକରେ ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କଲାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ନ ଯାଇ ଘଟଣାର ସମାଧାନ କରି ମୃତଦେହ ସତ୍କାର କରିବାକୁ ପରିବାର ଲୋକ ବସିଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମହିଳାଙ୍କ ଦେଢ଼ଶୁର ଦେବବ୍ରତ ନାୟକ ପାରିବାରିକ କଳହ ପାଇଁ ରଶ୍ମିତା ଆତ୍ମହତ୍ୟା କରିଥିବା ଦର୍ଶାଇ ଏତଲା ଦେଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଙ୍କର ୫ ବର୍ଷର ଗୋଟେ ପୁଅ ରହିଛି। ମହିଳା ଜଣକ ଉଚ୍ଚଶିକ୍ଷିତା ହୋଇଥିବା ବେଳେ ଚାକିରି ପାଇଁ କଲ୍ ଲେଟର ଆସିଥିବା କୁହାଯାଉଛି। ଏପରିସ୍ଥଳେ ତାଙ୍କ ଆତ୍ମହତ୍ୟା ସନ୍ଦେହ ସୃଷ୍ଟି କରିଛି।

# ବେଆଇନ ମାଟି ଉଠାଣ: ଥାନାରେ ଅଭିଯୋଗ

**ବଡ଼ଚଣା,୧୯।୩(ଡି.ଏନ୍.ଏ.)**

ବେଆଇନ ଭାବେ ଜଳ ସମ୍ପଦ ବିଭାଗ ଜମିରୁ ରାତିରେ ମାଟି ଉଠାଇ ବିକ୍ରି କରାଯାଉଛି। ଏନେଇ ଚଣ୍ଡିଖୋଲ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଭାଗବତ ବେହେରା ବୈରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ନୂତନ ଭାବେ ଯାଉଥିବା ରେଲୱେ ଲାଇନ୍‌ରେ ମାଟି ପୋତାଯାଉଥିବାରୁ ବଡ଼ଚଣା ବ୍ଲକ୍ ଅଧୀନ ବନ୍ତଳା ପଞ୍ଚାୟତର ବରୀ, ବାରିମୂଳ, ଠେଙ୍ଗଡ଼ ଆଦି ଗ୍ରାମ ନିକଟରୁ ଦୁର୍ବୃତ୍ତ ମାଟି ଉଠାଇ ବିକ୍ରି କରି ଚାଲିଛନ୍ତି। ଗ୍ରାମର ଲୋକେ ମାଟି ଉଠାଣକୁ ବିରୋଧ କରିବା ସହ ସ୍ଥାନୀୟ ସରପଞ୍ଚ ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏ କଥା ଜାଣିବା ପରେ ଜଳ ସମ୍ପଦ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବୈରୀ ଥାନା ଅଧିକାରୀ ନଂ.୪୭/୨୩ରେ ଏକ ମାମଲାର ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ରସୁଲପୁର ବ୍ଲକ ମେଲଣ ଉଦ୍‌ଯାପିତ

**ରସୁଲପୁର,୧୯।୩(ଡି.ଏନ.ଏ.)**

୭୨ତମ ରସୁଲପୁର ବ୍ଲକ ମେଲଣ ଶୁକ୍ରବାର ରାତିରୁ ଆରମ୍ଭ ହୋଇ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବିମାନ ଅଂଶଗ୍ରହଣ କରି ଫଗୁ ଖେଳିଥିଲେ। ମେଲଣରେ ବହୁ ଜନ ସମାଗମ ହୋଇଥିଲା। ସୁ-ସଜ୍ଜିତ ବିମାନଗୁଡିକ ଶୋଭାଯାତ୍ରା ଜରିଆରେ ଆସ୍ଥାନରେ ବିରାଜମାନ ହୋଇଥିଲେ। ଭଜନ, ନଦିଆ କୀର୍ତ୍ତନ, ବିଭିନ୍ନ ବାଜାବାଣ ଓ ଆତସବାଜୀରେ ବିମାନଗୁଡ଼ିକ ବିରାଟ ପଟୁଆରରେ ମେଲଣ ପଡ଼ିଆରେ ପହଞ୍ଚିଥିଲେ। ସ୍ଥାନୀୟ ବାହାଦଲାପୁର ଗ୍ରାମର ବିମାନ ଥାନପତି ସ୍ଥାନରେ ଅବସ୍ଥାପନ କରିଥିଲେ। ପ୍ରଭୁ କୁଞ୍ଜ ବିହାରୀଙ୍କୁ ବିମାନରେ ସଜ୍ଜିତ କରାଯାଇ ମେଲଣ ପଡ଼ିଆ ଚାରରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାଛଡ଼ା ରସୁଲପୁର ଗ୍ରାମର ରାହାସ ବିହାରୀ, ଚଣ୍ଡିପୁର ଗ୍ରାମର ରାଧାଗୋବିନ୍ଦ, ବିଲିପଡ଼ା ସୁଆଁସାହି ମଠର ରାଧାଦାମୋଦର, ଖୋସାଲପୁର ଗ୍ରାମର ରାଧାଗୋବିନ୍ଦ, ଅରଡ଼ା ମଠର ପ୍ରଭୁ ରାଧାକୃଷ୍ଣ, ଗୋପାଳପୁର ଓ ଗଙ୍ଗାଧରପୁର ଆଦି ଗ୍ରାମର ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିଙ୍କ ସଜ୍ଜିତ ବିମାନକୁ ନେଇ ମେଲଣ ଆରମ୍ଭ ହୋଇଥିଲା।

ବିମାନଗୁଡ଼ିକୁ ମେଲଣ ପରିଚାଳନା କମିଟି ପକ୍ଷରୁ ବିଦାକି ସହ ମେଲାଣି ଦିଆଯାଇ ଥିଲା। ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ବିଡିଓ ଅବନିକାନ୍ତ ସାହୁ, ରସୁଲପୁର ସରପଞ୍ଚ ସୁରେନ୍ଦ୍ର ତିଆଡ଼ି, କମିଟି ପକ୍ଷରୁ ଭାସ୍କର ମଲିକ, ବିଶ୍ୱଜ୍ୟୋତି ପତି, କାବୁଲି ଚରଣ ପଣ୍ଡା, ମହେନ୍ଦ୍ର ମଲିକ, ନୀଳମଣି ସାହୁ, ମଇନ ମଲିକ, କୀର୍ତ୍ତନ ମଲିକ, ଶ୍ରୀଧର ସାହୁ ଓ ଗଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୁଆଖିଆ ଥାନା ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ରସୁଲପୁର, ଚଣ୍ଡିପୁର, ଓରାଳି, ଭୋଟକା, ବାହାଦଲାପୁର ଆଦି ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଶୁଭେଚ୍ଛୁ ଯୋଗଦେଇ ମେଲଣ ପରିଚାଳନାରେ ସହାୟତା କରିଥିଲେ।


ବିମାନରେ ପ୍ରଭୁଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି।

# ସଜେଇ ହେଉଛି କ୍ଷୀରନଦୀ ପୀଠ

**ରସୁଲପୁର,୧୯।୩(ଡି.ଏନ.ଏ.)**

**ମା' ବିରଜା ବିଶ୍ୱରୂପା ନବକୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥଳ କ୍ଷୀର ନଦୀ ପୀଠରେ ମା' ବିରଜା ବିଶ୍ୱରୂପା ନବକୁଣ୍ଡିୟ ବିଶ୍ୱକଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମା' ବିରଜାଙ୍କ ନିର୍ଦ୍ଦେଶକ୍ରମେ ଭୂମିପୂଜନ ଦିବସରୁ ଆଜ୍ଞାମାଳ ଅଣାଯାଇ କାର୍ଯ୍ୟ ଚାଲିଛି। ଏପ୍ରିଲ ୨ ରୁ ୬ ତାରିଖ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞ ପାଇଁ ଯଜ୍ଞ ପଡ଼ିଆ ସଜେଇ ହୋଇଉଠିଛି। ନଠୁଆବର ଓ ଭଗୀରଥପୁର ଗାଁର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବିସ୍ତୀର୍ଣ୍ଣ ଖେଳ ପଡ଼ିଆରେ ମା' ବିଶ୍ୱରୂପାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଛାଞ୍ଚ ବନ୍ଧା ଆରମ୍ଭ ହୋଇଛି। ମା' ବିରଜାଙ୍କ ବାଲୁକା ମୂର୍ତ୍ତି ସ୍ଥାପନ ନେଇ ପ୍ରସ୍ତୁତି କରାଯାଉଛି। ଯଜ୍ଞସ୍ଥଳରେ ସାଧୁଗ୍ରାମ ସ୍ଥାପନ, ଅଖଣ୍ଡ ଅନ୍ନଯଜ୍ଞ, ମା' ବିରଜାଙ୍କ ମାହାତ୍ମ୍ୟ, ଆଧ୍ୟାତ୍ମିକ ବାର୍ତ୍ତା ପ୍ରଚାର ପାଇଁ ଷ୍ଟଲ୍ ସ୍ଥାପନ, ଅତିଥିଙ୍କ ବିଶ୍ରାମ, ଅପେକ୍ଷା ହଲ, ଶ୍ରଦ୍ଧାଳୁଙ୍କ ସୁବିଧା ସକାଶେ ଯଜ୍ଞସ୍ଥଳରେ ଉଠା ଦୋକାନ, ସାମୂହିକ ଶୌଚାଳୟ, ଯଜ୍ଞ ସ୍ଥଳରୁ ନିର୍ଗତ ବର୍ଜ୍ୟବସ୍ତୁ ପରିଚାଳନାର ସୁବନ୍ଦୋବସ୍ତ, ଯଜ୍ଞସ୍ଥଳକୁ ଭକ୍ତଙ୍କ ପ୍ରବେଶ, ପ୍ରସ୍ଥାନ ବ୍ୟବସ୍ଥା, ମୋଟର ସାଇକେଲ, ଚାରିଚକିଆ ଯାନ ଓ ପରିବହନରେ ବ୍ୟବହୃତ ଗାଡ଼ିଗୁଡିକର ପାର୍କିଂ, ସୂଚନା ଓ ପରାମର୍ଶ କେନ୍ଦ୍ର, ଗଣମାଧ୍ୟମ ପ୍ରତିନିଧିଙ୍କ ଗ୍ୟାଲେରି, ପାନୀୟ ଜଳ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ଯଜ୍ଞସ୍ଥଳକୁ ସୁରକ୍ଷିତ ରଖିବା ବ୍ୟବସ୍ଥା, ସାଧୁସନ୍ଥମାନଙ୍କ ପ୍ରବଚନ ମଞ୍ଚ ଓ ସର୍ବୋପରି ବିଶାଳ ଯଜ୍ଞ ମଣ୍ଡପରେ ୯ କୁଣ୍ଡର ବ୍ୟବସ୍ଥାକୁ ନେଇ ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯାଜପୁର ଜିଲାର ୫୦ରୁ ଊର୍ଦ୍ଧ୍ୱ


ବିଶ୍ୱରୂପାଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି।


ଯଜ୍ଞମଣ୍ଡପ ତିଆରି ହେଉଛି।

**ବିଶ୍ୱରୂପାଙ୍କ ମୂର୍ତ୍ତି ନିର୍ମାଣ ଆରମ୍ଭ**

କାରିଗରଙ୍କ ଦ୍ୱାରା ବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯାଉଛି। ଯଜ୍ଞ ପରିଚାଳନାରେ ନିୟୋଜିତ ଆଞ୍ଚଳିକ ଶ୍ରୀବିରଜା ବିଶ୍ୱାରୂପା ବିଶ୍ୱକଲ୍ୟାଣ ଯଜ୍ଞ କମିଟି ପକ୍ଷରୁ ନିର୍ମାଣ କାର୍ଯ୍ୟ ତଦାରଖ କରାଯାଉଛି ବୋଲି ଯଜ୍ଞର ମୁଖ୍ୟ ପୁରୋଧା ବିରଜା ପୁତ୍ର ପୂଜ୍ୟ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜ ସୂଚନା ଦେଇଛନ୍ତି। ଏହି ଯଜ୍ଞରେ ଶୁଦ୍ଧ ଦେଶୀ ଗାଈ ଘିଅରେ ୧୮୦୦୦ ଆହୁତି ପ୍ରଦାନ କରାଯିବ। ଏଥିସହିତ ଅନନ୍ତ ମୁଖି ଭାଗବତ ପାଠ, ଧର୍ମସଭା, ରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀ ଭଳି ଅନେକ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ନେଇ ପ୍ରସ୍ତୁତି ଜାରି ରହିଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, ଅପମୃତ୍ୟୁ ମାମଲା

**ରାଜନଗର, ୧୯ା୩ (ଡି.ଏନ୍.ଏ.):** ରାଜନଗର ଥାନା ଅନ୍ତର୍ଗତ ମହିଁଷାସୁର ପଞ୍ଚାୟତର ଗୁଲୁଦିଆ ଗାଁରେ ଜ୍ୟୋତିବ୍ରତ ନାୟକଙ୍କ ପତ୍ନୀ ରଶ୍ମିତା ମହାନ୍ତି(୩୦) ଶନିବାର ଆତ୍ମହତ୍ୟା କରିଥିଲେ। ରଶ୍ମିତା ନିଜ ଶୋଇବା ଘରେ ପିନ୍ଧା ଲୁଗା ବେକରେ ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କଲାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ନ ଯାଇ ଘଟଣାର ସମାଧାନ କରି ମୃତଦେହ ସତ୍କାର କରିବାକୁ ପରିବାର ଲୋକ ବସିଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମହିଳାଙ୍କ ଦେଢ଼ଶୁର ଦେବବ୍ରତ ନାୟକ ପାରିବାରିକ କଳହ ପାଇଁ ରଶ୍ମିତା ଆତ୍ମହତ୍ୟା କରିଥିବା ଦର୍ଶାଇ ଏତଲା ଦେଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଙ୍କର ୫ ବର୍ଷର ଗୋଟେ ପୁଅ ରହିଛି। ମହିଳା ଜଣକ ଉଚ୍ଚଶିକ୍ଷିତା ହୋଇଥିବା ବେଳେ ଚାକିରି ପାଇଁ କଲ୍ ଲେଟର ଆସିଥିବା କୁହାଯାଉଛି। ଏପରିସ୍ଥଳେ ତାଙ୍କ ଆତ୍ମହତ୍ୟା ସନ୍ଦେହ ସୃଷ୍ଟି କରିଛି।

### କଣ୍ଟାବଣରେ ଫାଣ୍ଡି ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୯ା୩:** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା କଣ୍ଟାବଣଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଦେଉଳିସ୍ଥିତ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଉଲ୍ଲେଖ କରାଯାଇ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅଭିଯୋଗ ସେଲ୍‌କୁ ରବିବାର ପଠାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଥାନା ଅଞ୍ଚଳରେ କଣ୍ଟାବଣର ଯଥେଷ୍ଟ ଗୁରୁତ୍ୱ ଅଛି। ଏକ ବଜାର ସହ ଶିକ୍ଷାନୁଷ୍ଠାନ ଓ ଗ୍ରାମାଞ୍ଚଳ ରହିଛି। ପ୍ରତିଦିନ ଏହି ଅଞ୍ଚଳରେ ବିଭିନ୍ନ କାରଣରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ବହୁ ସମୟରେ ଅସାମାଜିକଙ୍କ ଆକ୍ରୋଶ ଓ ଲୁଟ୍‌ର ଶିକାର ହେଉଛନ୍ତି। ଏହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏଠାରେ ଏକ ପୋଲିସ ଫାଣ୍ଡିର ଆବଶ୍ୟକତା ବଢ଼ିଯାଇଛି। ଏ ନେଇ ଜିଲା ପ୍ରଶାସନ ଅବଗତ ଥିଲେ ମଧ ସମାଧାନ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଫାଣ୍ଡି ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ସଂଘର କର୍ମକର୍ତ୍ତା ପ୍ରସ୍ତୁତ ଥିବା ସଂଘ ସଭାପତି ବେହେରା ପ୍ରକାଶ କରିଛନ୍ତି।

### ଟ୍ରକ୍ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**ସୋର, ୧୯ା୩(ଡି.ଏନ୍.ଏ):** ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥ ସୋର ଥାନା ବିଦୁ ନିକଟରେ ଜଣେ ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପୋଲିସ ଉକ୍ତ ଟ୍ରକ୍‌ର ହେଲପରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ଡ୍ରାଇଭରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ମୃତକ ହେଲେ ତାମିଲନାଡୁ ନାମକାଲ ଜିଲା ଅରୁନ୍ଥାଥାୟାର ଗ୍ରାମର ଟି ସନମୁଗମ୍।

# ତରଭୁଜର ବଢ଼ିଛି ଚାହିଦା

- ଜିଲାରେ ୧୦ ହଜାର ହେକ୍ଟରରୁ ଅଧିକ ଜମିରେ ଚାଷ
- ଖରାଦିନେ ମିଳୁଛି ଭରପୂର ପ୍ରୋଟିନ୍
- ଉପଯୁକ୍ତ ଜଳସେଚନ, ତାଲିମ୍ ବ୍ୟବସ୍ଥା ପାଇଁ ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୯ା୩**

ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ପ୍ରତି ଛକ ବଜାରରେ ଏବେ ତରଭୁଜ ଦେଖିବାକୁ ମିଳୁଥିବା ବେଳେ ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ୧୦ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଚାଷ ହୋଇଛି। ଚାଷ ପାଇଁ ସରକାରୀ ବିହନରେ ସବ୍‌ସିଡି ଯୋଗାଇ ଦିଆଯାଉଛି। ତେବେ ଜଳସେଚନ ଓ ତାଲିମ୍ ବ୍ୟବସ୍ଥା ନ ଥିବାରୁ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ତରଭୁଜ କେବଳ ଚଟ୍‌ପଟି ଖାଦ୍ୟ ନୁହେଁ ବରଂ ଏଥିରୁ ଭରପୂର ପ୍ରୋଟିନ୍ ମିଳୁଛି ବୋଲି ଚାଷୀ, ବ୍ୟବସାୟୀ ଓ ଗବେଷକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁର ପୂର୍ବତନ ସରପଞ୍ଚ ତଥା ଚାଷୀ ନିର୍ମଳ ମଲ୍ଲିକ କହିଛନ୍ତି, ଚଳିତବର୍ଷ ଆଳି, ରାଜକନିକା, ରାଜନଗର, ଗରଦପୁର, ଡେରାବିଶ, ମହାକାଳପଡ଼ା ବ୍ଲକ ଅଞ୍ଚଳର ନଦୀପଠାରେ ତରଭୁଜ ଚାଷ ହୋଇଛି। ୨ ସପ୍ତାହ ପୂର୍ବରୁ ଫସଲ ଉତ୍ପାଦନ ଆରମ୍ଭ ହୋଇଛି। ପୂର୍ବରୁ କୁଇଣ୍ଟାଲ ପିଛା ଅଢ଼େଇ ହଜାର ଟଙ୍କା ଥିବା ବେଳେ ଏବେ ଏହାର ମୂଲ୍ୟ ବୃଦ୍ଧି ପାଇ ୩ ହଜାର ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଫସଲରୁ ଇତିମଧ୍ୟରେ ୮ କୁଇଣ୍ଟାଲ ତରଭୁଜ ବିକ୍ରି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ନ ହେଲେ ପ୍ରାୟ ୩୦ କୁଇଣ୍ଟାଲ ତରଭୁଜ ବିକ୍ରି ଲାଗି ସେ ଆଶା ରଖିଛନ୍ତି। ତେବେ ଏହି ଅର୍ଥକରୀ ଫସଲ ପାଇଁ ନଦୀର ଅତି ନିକଟ ପଠା ବ୍ୟତୀତ ଅନ୍ୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆତ୍ମା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଲିମ୍ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ରାଜନଗରର ମାଆ ଶକ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପ୍ରଣତି ଦାସ କହିଛନ୍ତି, ଚଳିତବର୍ଷ ଏସ୍‌ଏଚ୍‌ଜି ପକ୍ଷରୁ ଆରମ୍ଭ ହୋଇଥିବା ତରଭୁଜ ଚାଷ ଆଗକୁ ବଢ଼ିବାର ସାହସ ଯୋଗାଇଛି। ମିଳିମିଶି ସଦସ୍ୟାମାନେ ରକ୍ଷଣାବେକ୍ଷଣ କରିବା ପରେ ଏହାର ଲାଭ ଆମକୁ ମିଳୁଛି। ଏହି ଚାଷ ପାଇଁ ସ୍ୱାବଲମ୍ବୀ ହୋଇପାରିଛୁ। ସହରର ଗୋପସ୍ଥିତ ବ୍ୟବସାୟୀ ମହମ୍ମଦ ଇଲିଆସ କହିଛନ୍ତି, ଖରା ବଢ଼ିବାରୁ କାକୁଡ଼ି, ତରଭୁଜ ବେପାର ଭଲ ହେଉଛି। ପୂର୍ବରୁ ତରଭୁଜ ବାହାର ଜିଲାରୁ ଆମଦାନୀ କରାଯାଉଥିବା ବେଳେ ଚଳିତବର୍ଷ ଜିଲା ମଧ୍ୟରେ ହୋଇଥିବା ଫସଲକୁ ସଂଗ୍ରହ କରୁଛୁ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ୍ ପଡୁଛି। ତରଭୁଜ ସମ୍ପର୍କରେ ଗବେଷଣା କରୁଥିବା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ତରଭୁଜରେ ଭରପୂର ପ୍ରୋଟିନ୍ ରହିଛି। ଏହା ଆମ ପାଇଁ ରୋଗ ପ୍ରତିଷେଧକ ରୂପେ କାର୍ଯ୍ୟ କରୁଛି। ଗୋଟିଏ କପ୍ ତରଭୁଜ ରସରେ ୧୫୪ ମିଲିଗ୍ରାମ୍ ପୋଷକତତ୍ତ୍ୱ ରହିଛି। ଗୋଟିଏ ତରଭୁଜରେ ପ୍ରାୟ ୯୨ ପ୍ରତିଶତ ପାଣି ରହୁଥିବାରୁ ଗରମରୁ ତ୍ରାହି ମିଳୁଛି। ଏହା ବ୍ୟତୀତ ଏଥିରେ ଥିବା ଭିଟାମିନ୍ ଏ, ସି, ପୋଟାସିୟମ, ମାଗ୍ନେସିୟମ, ଜିଙ୍କ୍, କ୍ଲୋରୋଫିଲ, ଲାଇକୋପିନ, ଏମିନୋ ଏସିଡ୍, ଫେନୋଲିକ୍ ଆଦି ତତ୍ତ୍ୱ ରହିଛି। ପ୍ରାୟ କ୍ଷେତ୍ରରେ ତରଭୁଜର ଚୋପା ଫୋପାଡ଼ି ଦିଆଯାଉଥିବା ଦେଖାଯାଉଛି। ତେବେ ଏହି ଚୋପାରେ ବ୍ଲଡ୍‌ପ୍ରେସର କମାଇବା ଶକ୍ତି ଥିବା ବେଳେ ଶରୀର ଓଜନ କମାଇବାରେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଦେବଦାସ ଦତ୍ତଙ୍କୁ ପଚାରିବାରେ ଚଳିତବର୍ଷ ତରଭୁଜ ଚାଷ ପାଇଁ ସବ୍‌ସିଡି ଦିଆଯାଇଛି। ପୂର୍ବରୁ ଏହି ଜିଲାରେ ମାତ୍ର ୨ ହଜାର ହେକ୍ଟର ଅଞ୍ଚଳରେ ତରଭୁଜ ଚାଷ ହେଉଥିବା ବେଳେ ଚଳିତ ବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ସହରର ଗୋପ ହାଟରେ ତରଭୁଜକୁ ଗ୍ରାହକ କିଣୁଛନ୍ତି।

# ଗାଁର ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ପଦଯାତ୍ରା


ପଦଯାତ୍ରା ପୂର୍ବରୁ ଅନୁଷ୍ଠିତ ସଭାରେ ଅତିଥିମାନେ।

**ଡେରାବିଶ, ୧୯ା୩ (ସ୍ୱ.ପ୍ର.)**

ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରି ଗାଁ ପରିବେଶକୁ ସମୃଦ୍ଧ କରିବା ଓ ପରସ୍ପର ମଧ୍ୟରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ ପାଇଁ ରବିବାର ଡେରାବିଶର ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିରରୁ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ପଦଯାତ୍ରା ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ପରିକ୍ରମା କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ ପ୍ରାଧ୍ୟାପକ ରାଉତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଯୁବକ ତ୍ୟାଗପୂତ ମନୋଭାବ ଓ ସମାଜରେ ରହୁଥିବା ଅବହେଳିତ, ନିଷ୍ପେଷିତ ବ୍ୟକ୍ତିଙ୍କ ସେବା କରିବାକୁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଯୁବକଙ୍କୁ ସ୍ୱାବଲମ୍ବୀ କରିବା ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ମିଶନ ଶକ୍ତି ଜରିଆରେ ସମୃଦ୍ଧ କରିବାକୁ କରିଥିବା ଯୋଜନା ପ୍ରତି ପରିବାରରେ ପହଞ୍ଚାଇବା ପାଇଁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ମଲ୍ଲ, ବଳରାମ ମହାପାତ୍ର, ଭଗବାନ ରଣା, ରାମଚନ୍ଦ୍ର ମାହାଳି, ସଞ୍ଜୟ କୁମାର ସାହୁଙ୍କ ସହ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ପ୍ରାଧ୍ୟାପକ ରାଉତଙ୍କ ଏହି ଅଭିନବ ପ୍ରୟାସ ସୁଦୂରପ୍ରସାରୀ ବୋଲି କହିଥିଲେ। ଏହି ପଦଯାତ୍ରା ଗୋଲରାହାଟ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବହୁସଂଖ୍ୟାରେ ଯୁବକ ଓ ମହିଳା ସାମିଲ ହୋଇଥିଲେ।

# ମହିଳାଙ୍କ ହାତରେ ଗାଁ ବିକାଶର ଚାବିକାଠି


ସମାବେଶରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବକ୍ତବ୍ୟ ରଖୁଥିବା ବେଳେ ଉପସ୍ଥିତ ମହିଳା ଓ କର୍ମୀମାନେ।

**ମାର୍ଶାଘାଇ, ୧୯ା୩ (ଡି.ଏନ୍.ଏ.)**

ବିଜେଡି ସରକାରରେ ମହିଳାମାନେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ସହ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନେ ଏବେ ଗାଁ ବିକାଶର ଚିତ୍ର ଆଙ୍କୁଛନ୍ତି। ମହିଳା ସଶକ୍ତୀକରଣରେ ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ। ସମୟ ବଦଳିବା ସହ ଗ୍ରାମାଞ୍ଚଳ ମହିଳାଙ୍କର ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ଯୋଜନା ଜରିଆରେ ସ୍ୱତନ୍ତ୍ର ତାଲିମ ଦେବା ସହ ରିହାତି ଋଣ ଯୋଗାଣ ହେଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ରବିବାର ଅପରାହ୍ନରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ପଞ୍ଚାୟତର ପିକରାଳି ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ମହିଳା ସମାବେଶରେ ଯୋଗଦେଇ ମନ୍ତ୍ରୀ ନାୟକ କହିଥିଲେ, ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ବୃହତ୍ ଶିଳ୍ପ ପ୍ରତିଷ୍ଠା କରାଯିବା ସହ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଏଥିରେ ମାର୍ଶାଘାଇ ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପାଟକୁରା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଳିକ, ଦୁର୍ଗାବତୀ ପ୍ରଧାନ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଭାରତୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପରକୁଳା ପଞ୍ଚାୟତ ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ର ବିଜେଡିରେ ସାମିଲ ହୋଇଥିଲେ। ସମାବେଶ ପୂର୍ବରୁ ମନ୍ତ୍ରୀ ନାୟକ ପିକରାଳିଠାରେ ଚିତ୍ରୋତ୍ପଳା ନଦୀ ଉପରେ ନିର୍ମିତ ହେବାକୁଥିବା ଉଚ୍ଚ ସେତୁର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରତାପ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ଯୁବନେତା ସର୍ବେଶ୍ୱର ଦାସ, ଅନ୍ନଦା ସାମଲ, ସମିତିସଭ୍ୟ ସଞ୍ଜୟ ପାତ୍ର, ପବିତ୍ର ଦାସ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ସିଟି ହସ୍ପିଟାଲ ସ୍ଥାପନ, ଗଣବିକ୍ଷୋଭ ସ୍ଥଗିତ

### ମିଳିଲା ପ୍ରତିଶ୍ରୁତି, କାର୍ଯ୍ୟକାରିତାକୁ ଅପେକ୍ଷା

**କେନ୍ଦ୍ରାପଡ଼ା ଅଫିସ, ୧୯ା୩**

ଜାନୁୟାରୀ ୨୪ରୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସିଟି ହସ୍ପିଟାଲ ଲାଗି ଗଣବିକ୍ଷୋଭ ଶନିବାର ସ୍ଥଗିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୬ ତାରିଖରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଏହି ଗଣବିକ୍ଷୋଭ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ତେବେ ଏହାର କାର୍ଯ୍ୟକାରିତାକୁ ଅପେକ୍ଷା କରିଥିବା ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମତ ରଖାଯାଇଛି। ଏ ସମ୍ପର୍କରେ କମିଟି ସଦସ୍ୟ ଗୟାଧର ଧଳ, ଫକୀର ଚରଣ ଖଟୁଆ, ଡିଫଜୁର ରହେମାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଖଡ଼ିଅଙ୍ଗସ୍ଥ ପୁରୁଣା ଭିତ୍ତିଭୂମିରୁ ଜାନୁୟାରୀରେ ଶାମଗୁଡ଼ିଆସ୍ଥିତ ନୂଆ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛି। ଏହି ପୁରୁଣା ଭିତ୍ତିଭୂମି ସହରର ମଧ୍ୟସ୍ଥଳରେ ଥିବା ବେଳେ ନୂତନ ସ୍ଥାନଟି ସହରର ଗୋଟିଏ ମୁଣ୍ଡରୁ ପ୍ରାୟ ୧୦ କିଲୋମିଟର ଦୂର। ଫଳରେ ସହର ଓ ଆଖପାଖ ୮ ପଞ୍ଚାୟତବାସୀଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ହେଉଛି। ଏଠାରେ ସିଟି ହସ୍ପିଟାଲ ସ୍ଥାପନ ଦ୍ୱାରା ଲକ୍ଷାଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ଆଶାକରି ସହରବାସୀ ଗଣବିକ୍ଷୋଭ କରିଥିଲେ। ଏହାକୁ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଥିଲେ ମଧ୍ୟ ରାଜ୍ୟ ସରକାର ସିଟି ହସ୍ପିଟାଲ ସ୍ଥାପନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ତେବେ ଶନିବାର ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ୩ ଜଣ ଡାକ୍ତର ଯୋଗାଇଦେବାକୁ ପ୍ରତିଶ୍ରୁତି ପରେ ସାମୟିକ ଭାବେ କମିଟି ପକ୍ଷରୁ ଗଣବିକ୍ଷୋଭକୁ ସ୍ଥଗିତ ରଖାଯାଇଛି। ଉପଯୁକ୍ତ ସେବା ସହର ଓ ପଞ୍ଚାୟତବାସୀଙ୍କୁ ନ ମିଳିଲେ ପରେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଚକ୍ଷୁ ଚିକିତ୍ସା ଶିବିର: ୨୦ ରୋଗୀଙ୍କ ଚିକିତ୍ସା

**ରାଜନଗର, ୧୯ା୩(ଡି.ଏନ୍.ଏ.):** ରାଜନଗର ବ୍ଲକ ମହିଁଷାସୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳଠାରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ସାଇନେତ୍ର ମନ୍ଦିର ଓ ମା' ଶାରଳା ହେଲ୍ଥ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ୨୦ଜଣ ଚକ୍ଷୁରୋଗୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆଖି ପରୀକ୍ଷା କରି ୧୧ ରୋଗୀଙ୍କୁ ଆସିଥିବା ଡାକ୍ତରମାନେ ଆମ୍ବୁଲାନ୍ସରେ ସାଇନେତ୍ର ମନ୍ଦିର ହସ୍ପିଟାଲକୁ ନେଇଯାଇଛନ୍ତି। ଡାକ୍ତରଙ୍କ କହିବା ମୁତାବକ, ସେଠାରେ ରୋଗୀଙ୍କ ରହିବା, ଖାଇବା ସୁବିଧା ସହ ଠିକ୍ ଚିକିତ୍ସା କରି ସମ୍ପୂର୍ଣ୍ଣ ସୁସ୍ଥ କରି ନିଜ ନିଜ ଘରେ ଆଣି ପହଞ୍ଚାଯିବ। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ, ପରମେଶ୍ୱର ବାରିକ, ସ୍ନେହାଶିଷ ଜେନା, ସନାତନ ଓଝା, ଦୁଷ୍ମନ୍ତ ଜେନା, ଯଶୋବନ୍ତ ଦାସ ଯୋଗଦେଇ ଚକ୍ଷୁ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ।

# ତଣ୍ଡା ମହୋଦଧିରେ ବାରୁଣୀ ସ୍ନାନ

- ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ
- ମା' ଅଲେଖ ସୁନ୍ଦରୀ ନାହାକାଣୀ ଶକ୍ତିପୀଠରେ ମେଳା

**ମହାକାଳପଡ଼ା, ୧୯ା୩ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠରେ ମା' ଅଲେଖ ସୁନ୍ଦରୀ ନାହାକାଣୀ ପୀଠରେ ବାରୁଣୀ ସ୍ନାନ ମେଳା ଅନୁଷ୍ଠିତ ହେଉଛି। ମା'ଙ୍କ ପୀଠଠାରୁ ୫ କିମି ଦୂର ବରୁଣାଇ ମୁହାଣ ସଂଲଗ୍ନ ବଙ୍ଗୋପସାଗର ପୁଣ୍ୟତୋୟା ତଣ୍ଡା କୂଳରେ ରବିବାର ପୂର୍ବାହ୍ନରେ ବାରୁଣୀ ସ୍ନାନ ବା ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ତଣ୍ଡା କୂଳରେ ରାଜନଗର, ପଟ୍ଟାମୁଣ୍ଡାଇ, ପାରାଦୀପ, କେନ୍ଦ୍ରାପଡ଼ା, ମହାକାଳପଡ଼ା, କୁଜଙ୍ଗ ଆଦି ଅଞ୍ଚଳରୁ ମହିଳାପୁରୁଷ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ବିଶ୍ୱାସ ରହିଛି, ତଣ୍ଡା କୂଳ ମହୋଦଧିରେ ସ୍ନାନକଲେ କୋଟିଜନ୍ମର ପୁଣ୍ୟ ମିଳେ।

ଅପରପକ୍ଷରେ ଏହି ପ୍ରସିଦ୍ଧ ଶକ୍ତିପୀଠ ମା' ଅଲେଖ ସୁନ୍ଦରୀଙ୍କ ସ୍ୱପ୍ନାଦେଶ ପାଇ ମନ୍ଦିରକୁ ତତ୍କାଳୀନ ଚମ୍ପାଗଡ଼ ରାଜ୍ୟ କାଳରେ ନିର୍ମାଣ ହୋଇଥିବା କିମ୍ବଦନ୍ତୀ ଅନୁସାରେ ଶୁଣିବାକୁ ମିଳେ। ମା'ଙ୍କ ଅପାର ମହିମା ଯୋଗୁ ଏହି ଉପକୂଳ ବଙ୍ଗୋପସାଗର ତଟ ଦେଶ ଘଞ୍ଚଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଦିନରେ ମା'ଙ୍କ ପୀଠରେ ମହାବଳ ବାଘର ପ୍ରାଦୁର୍ଭାବ ଥିଲା। ମାନସିକଧାରୀମାନେ ମା'ଙ୍କ ପୀଠରେ ଭୋଗ ଲାଗି କରିଥାଆନ୍ତି। ବିଶେଷକରି ମା'ଙ୍କ ପୀଠରେ ଆମିଷ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଅର୍ପଣ କରାଯାଏ। ଏହି ଅଞ୍ଚଳର ଲୋକଙ୍କ କହିବା କଥା, ପ୍ରାଚୀନ କାଳରେ ବିଭିନ୍ନ ରୋଗବ୍ୟାଧିରୁ ମୁକ୍ତି ପାଇଁ ମା'ଙ୍କ ପାଦୁକା ପାଣି ଶରୀରରେ ସିଞ୍ଚନ କଲେ ବ୍ୟାଧି ଦୂର ହୋଇଥାଏ। ସାମୁଦ୍ରିକ ଝଡ଼ ବାତ୍ୟାରୁ ରକ୍ଷା ପାଇବାକୁ ଏହି ଅଞ୍ଚଳର ଲୋକମାନେ ମା'ଙ୍କ ନିକଟରେ ଶରଣାପନ୍ନ ହୋଇଥାନ୍ତି। ଏହି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ତନ୍ତିଆପାଳ ସାମୁଦ୍ରିକ ଥାନା କର୍ମଚାରୀଙ୍କ ସମେତ ତଣ୍ଡା କୂଳରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବନ ବିଭାଗ କର୍ମଚାରୀ ମୁତୟନ ଥିବା ଜଣାପଡ଼ିଛି।


ତଣ୍ଡା କୂଳ ମହୋଦଧିରେ ବାରୁଣୀ ସ୍ନାନଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ।

# ବିରୂପାରେ ବୁଡ ପକାଇଲେ ୨୦ ହଜାର ଶ୍ରଦ୍ଧାଳୁ

### ଇନ୍ଦୁପୁର ବାରୁଣୀ ଯାତ୍ରା

**ଡେରାବିଶ, ୧୯ା୩ (ସ୍ୱ.ପ୍ର.)**

ବାରୁଣୀ ତିଥିରେ ବୁଡ଼ ପକାଇଲେ କୋଟିଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ୱାସ ରହିଛି। କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ରବିବାର ଆରମ୍ଭ ହୋଇଛି। ବିରୂପା, କେଲୁଅ, ବ୍ରାହ୍ମଣୀ ନଦୀର ସଙ୍ଗମସ୍ଥଳରେ ଶନିବାର ରାତି ୪ଟାରୁ ଅନୁଷ୍ଠିତ ହୋଇଥିଲା ବାରୁଣୀ ସ୍ନାନ। ଏଥିପାଇଁ ଜିଲା ସମେତ ବିଭିନ୍ନ ଜିଲାର ଶ୍ରଦ୍ଧାଳୁ ଇନ୍ଦୁପୁର ଘାଟରେ ବୁଡ଼ ପକାଇଥିଲେ। ରବିବାର ସକାଳ ସାଢ଼େ ୬ଟା ପର୍ଯ୍ୟନ୍ତ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଘାଟରେ ନିଜର ମାନସିକ ପୂରଣ ପାଇଁ ବୁଡ଼ ପକାଇଥିଲେ। ଏଥିସହ ବିବାହିତା ନବବଧୂଙ୍କ ବିବାହ ମୁକୁଟ, ପାଞ୍ଚି, ବଉଳପାଟ ନଦୀରେ ବିସର୍ଜନ କରାଯାଇଛି। ଘାଟକୂଳରେ ଭିକ୍ଷୁକମାନେ ପକାଇଥିବା ଚଦରରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଅରୁଆ ଚାଉଳ, ବିରି ଓ ଅର୍ଥ ପକାଇବା ପାଇଁ ଏକ ଲମ୍ବାଧାଡ଼ି ଲାଗି ରହିଥିଲା। ବିଶ୍ୱାସ ରହିଛି, ଘର ଧନଧାନ୍ୟରେ ପୂର୍ଣ୍ଣ ହୁଏ। ନଦୀ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟକରି ଜଳ ସମ୍ପଦ ବିଭାଗ ପକ୍ଷରୁ ମହିଳା ପୁରୁଷଙ୍କ ପାଇଁ ପୃଥକ୍ ପୃଥକ୍ ପାହାଚ ନିର୍ମାଣ କରାଯାଇଛି। ପୌରାଣିକ ଓ ଐତିହାସିକ କଥାବସ୍ତୁକୁ ଆଧାର କରି ବ୍ରାହ୍ମଣୀ, ବିରୂପା ଓ କେଲୁଅ ନଦୀର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ବାରୁଣୀ ଯାତ୍ରା ଜିଲାରେ ପ୍ରସିଦ୍ଧି ଲାଭ କରିଛି। ବିରୂପା ନଦୀ କୂଳରେ କାହିଁ କେଉଁକାଳରୁ ପୂଜା ପାଇ ଆସୁଛନ୍ତି ମା' ଚଣ୍ଡୀ। ବାରୁଣୀ ଯାତ୍ରା ସମୟରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ମା'ଙ୍କ ଦର୍ଶନ କଲେ ନିଜର ମାନସିକ ପୂରଣ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ରବିବାରଠାରୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିରହିଛି। ୭ଦିନ ଧରି ଏହି ଯାତ୍ରା ହେବ। ବାରୁଣୀ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବ୍ୟବସାୟୀମାନେ ଗୃହ ଉପକରଣ ସହ ବିଭିନ୍ନ ପ୍ରକାର ଦୋକାନ ମେଲାଇଛନ୍ତି। ଏଥିସହ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ବାରୁଣୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବା ସହ ଅପେରା ପ୍ରଦର୍ଶନ ହେବ। ଏହି ଉପଲକ୍ଷେ ନଦୀକୂଳରେ ଯଜ୍ଞ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟିର ସଭାପତି ତଥା ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର ଓ ସମ୍ପାଦକ ଦୁଷ୍ମନ୍ତ ମଲିକ ସୂଚନା ଦେଇଛନ୍ତି। ଭିଡ଼କୁ ଲକ୍ଷ୍ୟକରି ନିକିରାଇ ଥାନା ପକ୍ଷରୁ ଏକ ଅସ୍ଥାୟୀ ଶିବିର କରାଯାଇ ପୋଲିସ ବ୍ୟବସ୍ଥା ହୋଇଛି। ସେହିପରି କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ନଦୀକୂଳ ଏବଂ ମେଳା ସ୍ଥାନରେ ଏକ ଅସ୍ଥାୟୀ ଶିବିର କରାଯାଇ ବିଭାଗୀୟ କର୍ମଚାରୀମାନେ ପ୍ରସ୍ତୁତ ରହିଛନ୍ତି। ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟଶିବିର କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଇନ୍ଦୁପୁର ଘାଟରେ ଶ୍ରଦ୍ଧାଳୁମାନେ ବାରୁଣୀ ବୁଡ ପକାଉଛନ୍ତି।

## ସଂକ୍ଷେପରେ

### ସାଇକେଲରେ ବୁଲିଲେ ବିଧାୟକ

ନୟାଗଡ଼ ଅଫିସ,୧୯।୩:ନୟାଗଡ଼ ବିଧାୟକ ଅରୁଣ ସାହୁ ବିରୁଡା ଗାଁରେ ସାଇକେଲ ଚଳାଇ ଲୋକଙ୍କ ମନ ଜିଣିଥିଲେ । ପିଲାଙ୍କ ସହ ଖେଳିବା, ବସ୍ ଓ ଟ୍ରାକ୍ଟର ଚଳାଇବା, କ୍ରିକେଟ ଖେଳିବା, ମୁଢ଼ି ଖାଇ ମଜା ନେବା ପରେ ସାଇକେଲ ଚଳାଇ ନିଜକୁ ସାଧାରଣ ମଣିଷ ବୋଲି ପରିଚୟ ଦେଇଛନ୍ତି । ବିରୁଡା ଆରଆଇ ଅଫିସ ଉଦ୍‌ଘାଟନ କରିବାକୁ ସେ ସାଇକେଲରେ ଯାଇଥିଲେ ।

### କୃଷିଭିତ୍ତିକ ସଚେତନତା ଶିବିର

ଶରଣକୁଳ,୧୯।୩(ଡି.ଏନ୍.ଏ.) ଜଳବିଭାଜିକା ଦ୍ୱାରା ପୁର୍ନବିନ୍ୟାସ ସମ୍ପର୍କରେ ରବିବାର ବଡ଼ଗୋରଡ଼ା ପଞ୍ଚାୟତ ଅଧୀନ ସାନଗୋରଡ଼ା ଗାଁର ବ୍ରାହ୍ମଣୀ ଦେବୀ ମନ୍ଦିର ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜଳବିଭାଜିକା ନୟାଗଡ଼ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଚାଷୀ କିପରି ସହଜରେ ଜଳସେଚନ କରିପାରିବେ ସେ ସମ୍ପର୍କରେ ଚାଷୀଭାଇମାନଙ୍କୁ କହିଥିଲେ। ଓଡ଼ଗାଁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଶଙ୍କର ପ୍ରଧାନ, ନୟାଗଡ଼ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାୟକ, ଓଡ଼ଗାଁ ମୃତ୍ତିକା ସଂରକ୍ଷଣ କ୍ଷେତ୍ର ପରିଦର୍ଶକ ମିହିର ଚରଣ ପାତ୍ର ଓ ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ ଜଳବିଭାଜିକା ଉପକାରିତା ସମ୍ପର୍କରେ କହିଥିଲେ।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗିରଫ

**ଆସିକା,୧୯।୩ (ଡି.ଏନ.ଏ.):** ଗାଙ୍ଗପୁର ଥାନା ଡି. ସିଙ୍ଗିପୁର ଗ୍ରାମରେ ସେହି ଗ୍ରାମର ଡାକ ବିଷୋୟୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ସେହି ଗ୍ରାମର ଦିଲୀପ ସେଠୀ (୨୭)। ତେବେ ଏହି ମାମଲାରେ ଅଭିଯୁକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଦିଲୀପଙ୍କ ଭାଇ ଫେରାର ଥିଲା ବେଳେ ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଗତ ଶିବରାତ୍ରିରେ ଗ୍ରାମ ମନ୍ଦିରରେ ପ୍ରସାଦ ବଣ୍ଟନକୁ କେନ୍ଦ୍ରକରି ଡାକ ବିଷୋୟିଙ୍କ ସହ ଅଭିଯୁକ୍ତଙ୍କ ଉଚ୍ଚବାଚ ହୋଇଥିଲା। ଘଟଣା ପର ଦିନ ଡାକଙ୍କୁ ଅଭିଯୁକ୍ତମାନେ ଏକ ନିର୍ଜନ ରାସ୍ତାରେ ପଥର ଛେଚି ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣା ସମ୍ପର୍କରେ ଆହତ ଡାକଙ୍କ ପକ୍ଷରୁ ଗାଙ୍ଗପୁର ପୋଲିସରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ନଂ.୧୧୪/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା।

### କାଳିଞ୍ଜୀ କୃଷକ ମହାସଂଘ ବୈଠକ

**ବ୍ରହ୍ମପୁର ଅଫିସ,୧୯।୩:** ନିଖିଳ ଉତ୍କଳ କାଳିଞ୍ଜୀ କୃଷକ ମହାସଂଘ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କମିଟି ସଭାପତି କେ. ବଳରାମ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଳର ବ୍ରତବିଧାନ ସମ୍ପର୍କରେ ଆଲୋଚନା କରାଯିବା ସହ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କ ନିମନ୍ତେ ମହାସଂଘ ପକ୍ଷରୁ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହାସହ ମହାସଂଘ ସଂଗଠନକୁ ଅଧିକ ସୁଦୃଢ଼ ଏବଂ ବିକାଶ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଆବାହକ ଜି. ସୀମାଞ୍ଚଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭିନ୍ନ ଆଲୋଚନାରେ ମହାସଂଘ ଉପଦେଷ୍ଟା କେ. କୃଷ୍ଣମୂର୍ତ୍ତିଙ୍କ ସମେତ ଏଲ.ନରସିଙ୍ଗଲୁ, ଏଲ. ସୁଦାମ ଦାସ, ଏନ. ହାଡୁ ପାତ୍ର, ଏଲ. ଅର୍ଜୁନ ଦାସ, ଏମ୍. ଅଲେଖ ପାତ୍ର ଓ ପି. ରବୀନ୍ଦ୍ର ପାତ୍ର ପ୍ରମୁଖ ଭାଗ ନେଇଥିଲେ। ମହାସଂଘ ସଦସ୍ୟା ଏମ୍. ସୁଜାତା ପାତ୍ର, ଡି. ଜୟନ୍ତୀ, ପାର୍ବତୀ ଦେବୀ ଓ ଏମ୍. ନିର୍ମଳା ପ୍ରମୁଖ ଯୋଗ ଦେଇଥିଲେ। ମହାସଂଘ ଆଞ୍ଚଳିକ, ନାୟକବାଡ଼ି ଓ ଗ୍ରାମ୍ୟ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୧୯।୩: ଫୁଲବାଣୀ ସଦର ଥାନା ନିକଟ ବିଶିପଡ଼ା ଛକରେ ରବିବାର ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କେନ୍ଦ୍ରିଗୁଡ଼ା ଗ୍ରାମର ଚନ୍ଦ୍ରମଣି ଦିଗାଲ(୭୦)। ଚନ୍ଦ୍ରମଣି ବିଶିପଡ଼ା ଛକକୁ ମାଂସ କିଣିବାକୁ ଆସୁଥିଲେ । ଫୁଲବାଣୀ ପଟୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବାଇକ ଚାଳକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ଅଛନ୍ତି।

# ୯୪ ଅଙ୍ଗନୱାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ କୋଠା

## ନୂଆଗଡ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ରର ବିଚିତ୍ର ସ୍ଥିତି



ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ର।

ନୂଆଗଡ଼,୧୯।୩

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ନୂଆଗଡ଼ ବ୍ଲକରେ ୯୪ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ବ୍ଲକ ପରିସରଭୁକ୍ତ ୧୯ ପଞ୍ଚାୟତର ୨୧୩ଟି ୱାର୍ଡର ୭ଟି ସେକ୍ଟରରେ ସମୁଦାୟ ୨୭୪ଟି ଅଙ୍ଗନୱାଡି କେନ୍ଦ୍ର ଅଛି। କିନ୍ତୁ ସେଥିରୁ ବେତାରସିଂ ସେକ୍ଟରରେ ୧୧ଟି, ବୁରୁସିଂ ସେକ୍ଟରରେ ୧୩ଟି, କେରେଡାଙ୍ଗ ସେକ୍ଟରରେ ୮, ଖଜୁରିପଦା ସେକ୍ଟରରେ ୧୫, ଏନ୍.ଝାଲରସିଂ ସେକ୍ଟରରେ ୨୦, ନୂଆଗଡ଼ ସେକ୍ଟରରେ ୯, ଟଟରଙ୍ଗ ସେକ୍ଟରରେ ୧୮ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ଏହି ସେକ୍ଟର ଗୁଡ଼ିକର ବିଭିନ୍ନ ଗ୍ରାମର ବିଭିନ୍ନ କେନ୍ଦ୍ରର କୋଠା କାର୍ଯ୍ୟ ଆରମ୍ଭ ହୋଇ ଅଧପନ୍ତରିଆ ଭାବରେ ପଡ଼ି ରହିଛି। କେଉଁ କେଉଁ ଗ୍ରାମରେ ଭିତ୍ତିଭୂମିର ଚିହ୍ନଟ ହୋଇ ପାରୁ ନଥିବାରୁ କାର୍ଯ୍ୟ ହୋଇ ପାରୁନାହିଁ। ତେଣୁ କେତେକ ଅଙ୍ଗନୱାଡି କର୍ମୀଙ୍କ ଘରେ, ଭଡ଼ା ଘରେ, ଗ୍ରାମର କୋଠ ଘରେ ଓ ସ୍କୁଲ ବିଲଡିଂର କୌଣସି ଏକ ଶ୍ରେଣୀ କୋଠରୀଠାରେ ଅଙ୍ଗନୱାଡ଼ି ପରିଚାଳିତ ହେଉଛି। ୯୪ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନଥିବାରୁ ଶିଶୁ ମାନଙ୍କ ପାଠ ପଢାରେ ନାନା ସମସ୍ୟା ହେଉଥିବା ବେଳେ ଚାଉଳ, ଡାଲି ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ଲାଗି କର୍ମଚାରୀମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନଥିବାରୁ ପ୍ରାକ ବିଦ୍ୟାଳୟର ଶିଶୁ ମାନଙ୍କୁ ଗୋଟିଏ କକ୍ଷରେ ପାଠ ପଢ଼ାଇବା ସହ ସେହି କକ୍ଷରେ ହିଁ ଗ୍ୟାସ ଚୁଲା ସାହାର୍ଯ୍ୟରେ ଖାଦ୍ୟ ରୋଷେଇ କରାଯାଉଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। କେନ୍ଦ୍ରର ନିଜସ୍ୱ କୋଠା ନଥିବା ବିଷୟ ନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହେଉଛି। ୨୦୧୩ ସାଲରୁ ଅନେକ ଅଙ୍ଗନୱାଡ଼ି ଗୃହର କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ସାଲ ଯାଏ କେତେକ ଅଧପନ୍ତରିଆ ଭାବେ ପଡି ରହିଛି। କେତେକ ପୂର୍ଣ୍ଣାଙ୍ଗ ହୋଇ ମଧ ହସ୍ତାନ୍ତର ହୋଇ ନାହିଁ ଏବଂ ନିଜସ୍ୱ କୋଠା ନଥିବା କେନ୍ଦ୍ରର କର୍ମୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ବାରମ୍ବାର ଅଭିଯୋଗ କରୁଥିବା କହିଛନ୍ତି ସିଡିପିଓ ସୁରତି ପ୍ରଧାନ। ରାଜ୍ୟ ସରକାର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ପୁଷ୍ଟି ସାର କମ ଥିବା ଶିଶୁ ମାନଙ୍କ ଯତ୍ନ ସହ ଭିଟାମିନ ବଟିକା, ଖାଦ୍ୟ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ପାଠ ପଢା, ଗର୍ଭବତୀ ମହିଳାମାନଙ୍କୁ ଆଇରନ ବଟିକା ଓ ଆବଶ୍ୟକ ପରାମର୍ଶ ସାଙ୍ଗକୁ ପ୍ରାକ ବିଦ୍ୟାଳୟର ୩ବର୍ଷଠାରୁ ୬ବର୍ଷ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷା ଦିଆଯାଇଥାଏ। ତତ୍‌ସହିତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥାଏ। ବର୍ତ୍ତମାନ ୭ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳରେ ଅଙ୍ଗନୱାଡି ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଅଧପନ୍ତରିଆ ଭାବେ ରହିଥିବା ପୁରୁଣା ଅଙ୍ଗନୱାଡି କେନ୍ଦ୍ରର କୋଠା କାର୍ଯ୍ୟ ନିମନ୍ତେ ପୁଣି ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜିଲା ପ୍ରଶାସନ ତଥା ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସମସ୍ୟା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ୍ମ୍ୟୁମ୍ନ ଦାସଙ୍କୁ ପଚାରିବାରୁ ଅଧପନ୍ତରିଆ ଭାବେ ରହିଥିବା ପୁରୁଣା ନଥିପତ୍ରକୁ କାର୍ଯ୍ୟକ୍ଷମ କରି କାର୍ଯ୍ୟ କରାଯିବ। କିଛି ଗ୍ରାମରେ ଜମି ଚିହ୍ନଟ ହୋଇ ପାରୁନଥିବାରୁ ଗୃହ କାର୍ଯ୍ୟ ବନ୍ଦ ଅଛି। କାର୍ଯ୍ୟ ଶେଷ ହୋଇଥିବା କେନ୍ଦ୍ରକୁ ହସ୍ତାନ୍ତର କରାଯାଉଥିବା କହିଛନ୍ତି।

# ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଦଶପଲ୍ଲା,୧୯।୩(ଡି.ଏନ.ଏ.)

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଥିବା ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷା ବିଭାଗ ଅଧିକାରୀ ଅଭୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକ ବିହାରୀ ମହାନ୍ତି, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, କେନ୍ଦ୍ର ସମବାୟ ସମିତି ସଭାପତି ସନ୍ତୋଷ କୁମାର ସାହୁ, କିଡି ବଚପନ ପ୍ଲେ ସ୍କୁଲର ସଭାପତି ରାଜେନ୍ଦ୍ର କୁମାର ସାହୁ, ପରିଚାଳକ ବିରେନ୍ଦ୍ର ନାଥ ନାୟକ, ପ୍ଲେ ସ୍କୁଲର ପରିଚାଳନା କମିଟିନିର୍ଦ୍ଦେଶକ ଲିପିକା ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ଲେ ସ୍କୁଲର ଛାତ୍ରୀ ଛାତ୍ର , ସେମାନଙ୍କ ଅଭିଭାବକ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ଲଙ୍କାପୋଡି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି।

ଦଶପଲ୍ଲା,୧୯।୩(ଡି.ଏନ.ଏ.)

ରବିବାର ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହଠାରେ, ଚଳିତ ବର୍ଷ ଲଙ୍କାପୋଡି ଯାତ୍ରା ଓ କୁଆଁରିଆ ମହୋତ୍ସବ ପାଇଁ ଦେବୋତ୍ତର ବିଭାଗ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାତ୍ରାକୁ ସରସ ସୁନ୍ଦର, ବ୍ୟାପକ ଏବଂ ଶାନ୍ତି ଶୃଙ୍ଖଳାରେ କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି ବୈଠକରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ତହସିଲଦାର ଶ୍ରୀକୁମାର ରଥ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ , ପ୍ରଦୋଷ କୁମାର ଜେନା , ଯାତ୍ରା କମିଟି ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ ।

# ଗୁରୁଦେବ କ୍ରିକେଟ ଟୁର୍ନାମେଣ୍ଟ : କଡବ କ୍ରିକେଟ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୯।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମଧୁବନ କ୍ରୀଡାଙ୍ଗନରେ ଗୁରୁଦେବ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ୧୧ତମ କ୍ରିକେଟ ଟୁର୍ନାମେଣ୍ଟରେ କଡବ କ୍ରିକେଟ କ୍ଲବ ୧୬ ରନରେ ବାଣପୁର କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି । ପ୍ରଥମେ କଡବ ଦଳ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା । ଜବାବରେ ବାଣପୁର ଦଳ ୧୯ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୧୫୮ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ଛୋଟୁ ବ୍ୟକ୍ତିଗତ ୧୪ବଲରେ ୩ ଛକା ଓ ଗୋଟିଏ ଚଉକା ସହାୟତାରେ ୩୩ ରନ ସଂଗ୍ରହ କରିବା ସହ ୪ ଓଭର ବୋଲିଂ କରି ୩ଟି ଉଇକେଟ ନେଇଥିଲେ । ଏଥିପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆଶିଷ କୁମାର ଦାଶ ଓ ଲିଙ୍ଗରାଜ ଧଳ ମ୍ୟାଚକୁ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ ଓ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ସଭାପତି ଲିଙ୍ଗରାଜ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଟି ଆଣ୍ଡ ଆଇଟି ଉପଦେଷ୍ଟା ତଥା ପୂର୍ବତନ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ଦାଶ ଓ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପୟନ ଦଳଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା, ରନର୍ସ ଅପ୍ ଦଳଙ୍କୁ ଟ୍ରଫି ସହ ୭ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ ।

## ଛତ୍ରପୁର,ମୁନିଷିପେଣ୍ଟ, ଖଣ୍ଡିଦେଉଳି ହସ୍ପିଟାଲରେ ଡାକ୍ତର ଅଭାବ

ଛତ୍ରପୁର,୧୯।୩(ଡି.ଏନ୍.ଏ)

ଗଞ୍ଜାମ ଜିଲା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ, ମୁନିସିପେଣ୍ଟ ଓ ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସ ପଦବୀ ଖାଲିପଡିଛି । ଫଳରେ ରୋଗୀସେବା ବ୍ୟାହତ ହେଉଛି। ଏହି ପଦବୀଗୁଡିକ ପୂରଣ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଖାଲି ପଦବୀଗୁଡିକୁ ଓଡିଶା ଲୋକସେବା ଆୟୋଗ ଓ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ଚୟନ, ବିଭାଗୀୟ ପଦୋନ୍ନତି, ଆଡହକ୍ ନିଯୁକ୍ତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଯଥା ସମ୍ଭବ ପୂରଣ କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ହସ୍ପିଟାଲରେ ୩୩ ଡାକ୍ତର ପଦବୀ ମଧ୍ୟରୁ ୨୩ ଡାକ୍ତର ପଦବୀ ଖାଲି ରହିଥିବା ବେଳେ ୬ ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ୨ ପଦବୀ ଏବଂ ୩୨ ନର୍ସ ରହିବାକୁ ଥିବା ବେଳେ ୮ ଟି ନର୍ସ ପଦବୀ ଖାଲି ରହିଛି। ସେହିପରି ଛତ୍ରପୁର ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଡାକ୍ତର ପଦବୀ ମଧ୍ୟରୁ ୧୦ ଡାକ୍ତର ପଦବୀ ଖାଲି ରହିଥିବା ବେଳେ ଗୋଟିଏ ଫାର୍ମାସିଷ୍ଟ ଓ ୨ ନର୍ସ ପଦବୀ ଖାଲି ପଡିଛି । ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଡାକ୍ତର ପଦବୀରୁ ୭ ଡାକ୍ତର ପଦବୀ ଖାଲି ରହିଛି। ଏଠାରେ ଖାଲି ପଡିଥିବା ପଦବୀ ପୂରଣ ହେବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି ।

# ମହିଳାଙ୍କୁ ଆକ୍ରମଣ ଘଟଣା, ୩ଜଣଙ୍କ ନାମରେ ମାମଲା

ଖଣ୍ଡପଡ଼ା,୧୯।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତର ମୁରାରୀପୁର ଗ୍ରାମରେ ଧାର ଟଙ୍କା ମାଗିବାକୁ କେନ୍ଦ୍ର କରି ଜାୟା ରାଉତ ଓ ସହଯୋଗୀଙ୍କୁ କେତେଜଣ ମହିଳା ଓ ପୁରୁଷ ଆକ୍ରମଣ କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମୁରାରୀପୁର ଗ୍ରାମର ଭାସ୍କର ପ୍ରଧାନ ତାଙ୍କ ସ୍ୱାମୀ କିଶୋର ପ୍ରଧାନ ଓ ସହଯୋଗୀ ଚନ୍ଦ୍ରମଣି ରାଉତଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ ମୁରାରୀପୁର ଗ୍ରାମର ମହିଳାସ୍ୱୟଂ ସହାୟିକା ଗୋଷ୍ଠୀଠାରୁ ସଭ୍ୟା ଭାସ୍କର ଧାର ସୁତ୍ରେ ୫୪ହଜାର ୮ଶହ ଟଙ୍କା ନେଇଥିଲେ । ପର୍ଯ୍ୟାୟ କ୍ରମେ କିସ୍ତି ଆକାରରେ ସେ ୩୭ହଜାର ଟଙ୍କା ପୈଠ କରିଥିଲେ । ମାତ୍ର ଆଉ ସେ ୧୭ହଜାର ୮ଶହ ଟଙ୍କା ନ ଦେଇ ମାସ ପରେ ମାସ ଗଡାଇ ଚାଲିଥିଲେ । ଗତ ୧୭ ତାରିଖ ରାତି ପ୍ରାୟ ୮ଟା ସମୟରେ ଜାୟାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ମିଳିତ ହୋଇ ଭାସ୍କରଙ୍କ ଘରକୁ ଟଙ୍କା ମାଗିବାକୁ ଯାଇଥିଲେ । ବକେୟା ଟଙ୍କା ଫେରସ୍ତ କରିବାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା । ଭାସ୍କର, ତାଙ୍କ ସ୍ୱାମୀ ଓ ସହଯୋଗୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଜାୟାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ତାଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

# ମହୀଶୂରର କ୍ରିଷ୍ଣାଙ୍କୁ ସମ୍ବର୍ଦ୍ଧନା




ପଦଯାତ୍ରାରେ କ୍ରିଷ୍ଣା ନାୟକ।

ଦିଗପହଣ୍ଡି,୧୯।୩(ଡି.ଏନ.ଏ.)

କର୍ଣ୍ଣାଟକ ମହୀଶୂରର ଯୁବକ କ୍ରିଷ୍ଣା ନାୟକ ପରିବେଶ ସୁରକ୍ଷା ଓ ଯୋଗର ପ୍ରଚାର ପ୍ରସାର ବାର୍ତ୍ତା ନେଇ ଭାରତ ଭ୍ରମଣରେ ବାହାରିଛନ୍ତି । କର୍ଣ୍ଣାଟକର ମହୀଶୂରଠାରୁ ଗତ ଅକ୍ଟୋବର ୨୦୨୨ରୁ ସେ ପଦଯାତ୍ରା ଆରମ୍ଭ କରି ଛତିଶଗଡ ରାଜ୍ୟର ବସ୍ତର ଜିଲା ଅତିକ୍ରମ କରି ଓଡ଼ିଶା ଗଜପତି ଜିଲା ଓ ପରେ ଗଞ୍ଜାମ ଜିଲା ଦିଗପହଣ୍ଡିଠାରେ ପହଞ୍ଚିଥିଲେ। ଅବାଧ ଗଛ କଟାକୁ ବିରୋଧ କରିବା ସହ ବ୍ୟାପକ ପରିମାଣରେ ଚାରା ରୋପଣ ଓ ଜଳର ସଂରକ୍ଷଣ ସହ ଯୋଗ ଦ୍ୱାରା କିଭଳି ଶରୀର ସୁସ୍ଥ ସବଳ ରହିବ ସେହି ବାର୍ତ୍ତା ନେଇ ସେ ଭାରତ ଭ୍ରମଣ ପାଇଁ ପଦଯାତ୍ରାରେ ବାହାରିଥିବା କହିଛନ୍ତି। ପଦଯାତ୍ରା କାଳରେ ସେ ସମଗ୍ର ଭାରତ ବର୍ଷର ୨୯ ରାଜ୍ୟ ଅତିକ୍ରମ କରି ବିଶ୍ୱରେ ଦେଖାଦେଇଥିବା ଜଳବାୟୁ ପରିବର୍ତ୍ତନକୁ କିପରି ରୋକାଯାଇପାରିବ ଓ ପରିବେଶ ସୁରକ୍ଷିତ ରହିପାରିବ ସେ ବିଷୟରେ ଲୋକଙ୍କୁ ମହତ୍ ବାର୍ତ୍ତା ଦେବା ସହ ସୁସ୍ଥ ସୁନ୍ଦର ଭାରତ ଗଢ଼ିବା ପାଇଁ କିଛି ମାତ୍ରାରେ ଜନସାଧରଣଙ୍କୁ ସହଯୋଗ ହୋଇପାରିବ, ତାହା ହିଁ ତାଙ୍କ ଯାତ୍ରାର ଉଦ୍ଦେଶ୍ୟ ବୋଲି କ୍ରିଷ୍ଣା କହିଛନ୍ତି। ଅଦ୍ୟାବଧି ସେ ୫ମାସ ପଦଯାତ୍ରା କରି ଛତିଶଗଡ଼ ରାଜ୍ୟ ଅତିକ୍ରମ କରି ଓଡ଼ିଶା ରାଜ୍ୟକୁ ପ୍ରବେଶ କରିଥିବା ବେଳେ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଞ୍ଜାମ ଜିଲା ଶାଖା ସୋସିଆଲ ମିଡ଼ିଆ ପ୍ରମୁଖ ସୁନିଲ କୁମାର ଦୋରାଙ୍କ ନେତୃତ୍ୱରେ ବହୁ ଯୁବକ ପହଞ୍ଚି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ସହରକୁ ପଶୁଛି ଡ୍ରେନ୍‌ର ମଇଳା ପାଣି

ଭଞ୍ଜନଗର,୧୯।୩(ଡି.ଏନ୍.ଏ)

ଭଞ୍ଜନଗର ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁ ସହରବାସୀ ବିଭିନ୍ନ ସମୟରେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି, ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭେଜିପୁଟ ମହାନ୍ତି ସାହି ଛକ ଦେଇ ଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ପାଣି ପାଇପ୍ ଆଜକୁ ପ୍ରାୟ ୨ମାସ ହେବ ଫାଟି ରହିଛି। ପାଣି ଛଡ଼ା ଯିବା ସମୟରେ ଫଟା ପାଇପ ବାଟେ ପାଣି ଏଣେତେଣେ ବିଚ୍ଛୁରିତ ହୋଇପଡୁଛି। ପାଇପ୍ ଯେଉଁଠାରେ ଫାଟିଛି ଏନଏସି ସଫେଇ କର୍ମଚାରୀମାନେ ତା' ଉପରେ ହିଁ ଡ୍ରେନରୁ ମଇଳା ବାହାର କରି ପକାଇ ଦେଉଛନ୍ତି। ତୁରନ୍ତ ଉକ୍ତ ମଇଳାକୁ ଟ୍ରାକ୍ଟର ଯୋଗେ ଉଠାଯାଉନଥିବା ଯୋଗୁ ଉକ୍ତ ଫଟା ପାଇପ୍ ବାଟେ ସହରକୁ ଦୂଷିତ ପାଣି ପ୍ରବାହିତ ହେଉଥିବା ଆଶଙ୍କା କରାଯାଉଛି । ଏନେଇ ସମ୍ପୃକ୍ତ ସାହିବାସିନ୍ଦା ବାରମ୍ବାର ଏନଏସି ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି, କିନ୍ତୁ ଉଭୟ ବିଭାଗ ଏନେଇ ଆବଶ୍ୟକ ପଦକ୍ଷେପ ନେଉନାହିଁ । ସେହିଭଳି ଶନିବାର ସକାଳେ ମେଡ଼ିକାଲ ପମ୍ପ ହାଉସରୁ ରେଡ଼କ୍ରସ ରୋଡ଼ ଅଞ୍ଚଳବାସୀଙ୍କ ପାଇଁ ଆଉ ଏକ ନୂଆ ଲାଇନରେ ପାଣି ଛଡ଼ାଯାଇଥିଲା। ଏଥିରେ ତ୍ରୁଟି ଥିବା ଯୋଗୁ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ରେଡକ୍ରସ ରୋଡ଼ ଅଞ୍ଚଳକୁ ମଇଳା ପାଣି ଆସିଥିଲା। ମଇଳା ପାଣି ଦେଖି ସହରବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପହଞ୍ଚି ସୁଧାରିବା ପରେ ସଫା ପାଣି ଆସିଥିଲା। ଦୂଷିତ ପାଣି ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ମହାନ୍ତି ସାହି





ମହାନ୍ତିସାହି ଛକରେ ଫଟା ପାଇପ୍ ଉପରେ ଡ୍ରେନର ମଇଳା ଗଚ୍ଛିତ ହୋଇଅଛି ଏବଂ ରେଡ଼କ୍ରସ୍ ରୋଡ଼ରେ ଦୂଷିତ ପାଣି ଆସୁଛି ।

## ଫଟା ପାଇପ୍ ମରାମତି ହେଉନି

ବାସିନ୍ଦା ପ୍ରେମଜିତ୍ ପଟ୍ଟନାୟକ କହିଛନ୍ତି, ପାଇପ୍ ମରାମତି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଛି। କିନ୍ତୁ ଉକ୍ତ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସହରବାସୀଙ୍କ ଜୀବନ ସହ ଖେଳୁଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ । ସେହିଭଳି ଫଟା ପାଇପ୍ ଉପରେ ଡ୍ରେନର ମଇଳା ନପକାଇବା ପାଇଁ ଏନଏସି କର୍ମଚାରୀଙ୍କୁ ମଧ୍ୟ ଅନୁରୋଧ କରାଯାଉଛି। କିନ୍ତୁ ସେମାନେ ମଧ୍ୟ ଦୃଷ୍ଟି ଦେଉନାହାନ୍ତି । ସମସ୍ୟାର ସମାଧାନ ତୁରନ୍ତ ନହେଲେ ବାଧହୋଇ ସାହିବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରେମଜିତ୍ କହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀଯନ୍ତ୍ରୀ ନିତ୍ୟାନନ୍ଦ ବେହେରା କହିଛନ୍ତି, ରେଡ଼କ୍ରସ ରୋଡ଼ ବାସିନ୍ଦାଙ୍କୁ ନୂଆ ଲାଇନରେ ପାଣି ଦେବା ବ୍ୟବସ୍ଥା କରାଯାଇଥିଲା। ସେଥିରେ ତ୍ରୁଟି ଥିବା ଯୋଗୁ ଏହି ସମସ୍ୟା ଦେଖା ଦେଇଥିଲା। ପରବର୍ତ୍ତି ପର୍ଯ୍ୟାୟରେ ତ୍ରୁଟି ସୁଧାରି ଦିଆଯାଇଛି। ମହାନ୍ତିସାହି ଛକର ଫଟା ପାଇପକୁ ମରାମତି ପାଇଁ ପଦକ୍ଷେପ ନିଆଯାଇଛି ।

